

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର


# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୨୪ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 24 JUNE 2022
Vol.No. 35 ■ No. 163 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧


ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ପ୍ରାପ୍ତିସ୍ଥାନ
ସୈରିନ୍ଧ୍ରୀ ସାହୁଙ୍କର ରଙ୍ଗଖାତାର ଚିତ୍ର
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


## ୨୪ ଘଂଟା ଭିତରେ ବିଦ୍ରୋହୀ ବିଧାୟକ ଫେରିଲେ, ମେଂଟରୁ ଓହରି ଆସିବ ଦଳ



ନୂଆଦିଲ୍ଲୀ, ୨୩/୦୬ : ଗୋଟିଏ ପଟେ ଗୌହାଟିର ଏକ ହୋଟେଲରେ ଶିବସେନାର ଅସନ୍ତୁଷ୍ଟ ବିଧାୟକ । ଆଉ ଗୋଟିଏ ପଟେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ସରକାରୀ ବାସଭବନ ଛାଡି ମାତୋଶ୍ରୀକୁ ଫେରିଛନ୍ତି । ଏନସିପି ଏବଂ କଂଗ୍ରେସ ସହ ମେଂଟ ଭାଙ୍ଗିବାକୁ ବିଦ୍ରୋହୀ ବିଧାୟକଙ୍କ ନେତୃତ୍ୱ ନେଉଥିବା ଏକନାଥ ସିନ୍ଦେ ସର୍ତ୍ତ ରଖିବା ପରେ ଅଡୁଆରେ ପଡିଛି ମହାବିକାଶ ଅଘାଡି ସରକାର । ଅନ୍ୟପଟେ ଉଦ୍ଧବ ଠାକରେ ଏହି ସବୁ ପ୍ରସଙ୍ଗରେ ନିରବ ରହିଥିବା ନେଇ ଏକନାଥ ମରାଠୀ ଭାଷାରେ ଏକ ବିବୃତି ଜାରି କରିଛନ୍ତି । ମୋଟ୍ ୫୫ ବିଧାୟକଙ୍କ ମଧ୍ୟରୁ ସଂଖ୍ୟା ଗଣିତରେ ଏବେ ବିଦ୍ରୋହୀ ବିଧାୟକ ଏକନାଥ ସିନ୍ଦେଙ୍କ ପାଖରେ ୩୪ ବିଧାୟକ ଥିବା ନେଇ ଉପବାଚସ୍ପତି ନରହରି ଜିରୱାଲ କହିଥିବା ବେଳେ ଉଦ୍ଧବଙ୍କ ସମର୍ଥନରେ ୧୨ ବିଧାୟକ ଏବଂ ଦଳର ଆଉ ୯ ବିଧାୟକଙ୍କ ଆଭିମୁଖ୍ୟ ନିରପେକ୍ଷ ରହିଥିବା ଜାତୀୟ ଗଣମାଧ୍ୟମ ରିପୋର୍ଟରୁ ସୂଚନା ରହିଛି । ବିଧାନସଭାକୁ ନିଜ ସପକ୍ଷରେ ଥିବା ବିଧାୟକଙ୍କ ତାଲିକା ପଠାଇଛନ୍ତି ସିନ୍ଦେ । ଏବେ ସଂଖ୍ୟା କମିବା ପରେ ବିଧାନସଭାରେ ଶିବସେନାର ନେତୃତ୍ୱ ପରିବର୍ତ୍ତନର ଆଶଙ୍କା ପ୍ରକାଶ ପାଇଛି । ଏମିତିକି ଉଦ୍ଧବ ଠାକରେଙ୍କ ନିୟନ୍ତ୍ରଣରୁ ଶିବସେନା ଯିବାର ଆଶଙ୍କା ମଧ୍ୟ ରହିଛି । ଏବେ ଉଦ୍ଧବ ଠାକରେ ଏକନାଥଙ୍କ ସର୍ତ୍ତ ମାନି ନିଜ ପଟକୁ ଆଣିବାକୁ ଚିନ୍ତା କରୁଥିବା ଜଣାପଡିଛି । ଆଉ ଏକନାଥଙ୍କ ପାଖରେ ଥିବା ବିଧାୟକଙ୍କ ମଧ୍ୟରୁ ୨୦ ଜଣଙ୍କ ସଂସ୍ପର୍ଶରେ ନିଜେ ଅଛନ୍ତି ବୋଲି ମୁଖପାତ୍ର ସଞ୍ଜୟ ରାଉତ କହିଛନ୍ତି । ଶିବସେନାରେ କନ୍ଦଳ ଏବେ ମହାମେଂଟରେ ସାମିଲ ଥିବା ଏନସିପି ଏବଂ କଂଗ୍ରେସର ଚିନ୍ତା ବଢାଇଛି । ଗତକାଲି ଏନସିପି ସୁପ୍ରିମୋ ଉଦ୍ଧବଙ୍କ ସହିତ ଏକ ଘଂଟାର ବୈଠକ କରିବା ପରେ ଆଜି ବିଧାୟକଙ୍କ ▶▶ପୃଷ୍ଠା ୭

## ଉତ୍ତର ପ୍ରଦେଶ : ପିଲୀଭୀତରେ ସଡ଼କ ଦୁର୍ଘଟଣା, ୧୦ ଜଣଙ୍କ ମୃତ୍ୟୁ


ପିଲୀଭୀତ,୨୩/୦୬ : ଉତ୍ତର ପ୍ରଦେଶର ପିଲୀଭୀତ ଗଜରୌଲା ଥାନା ଅଂଚଳରେ ଗୁରୁବାର ଭୋରରୁ ଭାରସାମ୍ୟ ହରାଇ ଡିସିଏମ୍ ଗଛ ସହିତ ଧକ୍କା ହେବାପରେ ହାଇୱେରେ ପଲଟି ଯାଇଛି । ଦୁର୍ଘଟଣାରେ ୧୦ଜଣ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ଛଅରୁ ସାତ ଲୋକ ଆହତ ହୋଇଛନ୍ତି । ପୋଲିସ୍ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗାଡ଼ି ଦୁର୍ଘଟଣାରେ ହୋଇଥିବା ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଦିବଂଗତ ଆତ୍ମାଙ୍କ ଶାନ୍ତିର କାମନା କରି ଶୋକ ସନ୍ତପ୍ତ ପରିବାର ପ୍ରତି ସମ୍ବେଦନା ପ୍ରକାଶ କରିଛନ୍ତି । ଏହାସହ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କୁ ଆହତଙ୍କୁ ସମୁଚିତ ଚିକିତ୍ସା କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ସିଓ ସିଟିର ମୁତାବିକ, ଏହି ଦୁର୍ଘଟଣା ଗଜରୌଲା ଥାନା ଅଂଚଳରେ ସକାଳେ ପାଖାପାଖି ୪ଟାରେ ହୋଇଥିଲା । ଚାଳକଙ୍କୁ ନିଦ ଆସିବା ପରେ ଡିସିଏମ୍ ଗଛ ସହିତ ଧକ୍କା କରି ଓଲଟି ପଡ଼ିଥିଲା । ଡିସିଏମ୍‌ରେ ମୋଟ ୧୭ ଲୋକ ସବାର ଥିଲେ । ଦୁର୍ଘଟଣାରେ ଆଠ ଲୋକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଦୁଇଜଣଙ୍କର ହସ୍ପିଟାଲରେ ମୃତ୍ୟୁବରଣ କରିଛନ୍ତି । ୭ଜଣ ଆହତ ହୋଇଛନ୍ତି । ଦୁର୍ଘଟଣାର ସୂଚନା ମିଳିବାପରେ ଘଟଣାସ୍ଥଳରେ ପହଂଚି ପୋଲିସ ଆହତଙ୍କୁ ଜିଲ୍ଲା ହସ୍ପିଟାଲ ପହଂଚାଇଛନ୍ତି ।

## ଆଜି ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିବେ ଦ୍ରୌପଦୀ ମୁର୍ମୁ



ନୂଆଦିଲ୍ଲୀ, ୨୩/୦୬ : ଦିଲ୍ଲୀ ଗଲେ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ । ଏମସିଏଲ ଗେଷ୍ଟ ହାଉସରୁ ବାହାରି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ପାରମ୍ପାରିକ ଆଦିବାସୀ ନାଚ ଗୀତରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଭୁବନେଶ୍ୱରରୁ ବିମାନ ଯୋଗେ ଦିଲ୍ଲୀ ପହଞ୍ଚିବା ପରେ ସେଠାରୁ ସିଧାସଳଖ ଓଡ଼ିଶା ଭବନ ଯିବେ । ଓଡ଼ିଶା ଭବନରେ ରହିବା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଆସନ୍ତାକାଲି ସେ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହ ମନ୍ତ୍ରୀ ଅମିତ ଶାହ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ମଧ୍ୟ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ ଦ୍ରୌପଦୀ ମୁର୍ମୁ ନାମାଙ୍କନ ଦାଖଲ ପର୍ଯ୍ୟନ୍ତ ଓଡ଼ିଶା ଭବନରେ ରହିବେ । ନାମାଙ୍କନ ଦାଖଲ କରାଯିବା ପରେ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରେ । ଓଡ଼ିଶା ଭବନରେ ଦ୍ରୌପଦୀ ମୁର୍ମୁ ରହିବା ବ୍ୟବସ୍ଥାର ତଦାରଖ କରିବା ପାଇଁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷନ ରେଡ୍ଡୀ ଓ କିଛି ବରିଷ୍ଠ ଅଧିକାରୀ ଓଡ଼ିଶା ଭବନରେ ପହଂଚିଥିଲେ । ସେଠାରେ ରହିବା ପାଇଁ କିଭଳି ବ୍ୟବସ୍ଥା ରହିଛି ସେନେଇ ଓଡ଼ିଶା ଭବନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।

## ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଦେବନି କଂଗ୍ରେସ : ନରସିଂହ ମିଶ୍ର



ଭୁବନେଶ୍ୱର, ୨୩/୦୬ (ନି.ପ୍ର): ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଦେବନି ଓଡିଶା କଂଗ୍ରେସ । ଏହି ସୂଚନା ଦେଇଛନ୍ତି କଂଗ୍ରେସ ଦଳ ବିଧାୟକ ନେତା ନରସିଂହ ମିଶ୍ର । ଦ୍ରୌପଦୀ ମୁର୍ମୁ ବିଜେପି ନୀତି ଆଦର୍ଶରେ ବିଶ୍ୱାସ କରୁଥିବାରୁ କଂଗ୍ରେସ ସମର୍ଥନ ଦେବନି । ତାଙ୍କ ପ୍ରାର୍ଥୀତ୍ୱ ଘୋଷଣା ପୂର୍ବରୁ ବିରୋଧୀଦଳ ପ୍ରାର୍ଥୀ ଘୋଷଣା କରିଛି । ଜଣକୁ ଛିଡ଼ା କରି ଅନ୍ୟ ଜଣକୁ ସମର୍ଥନ କରିବା ଠିକ୍ କଥା ନୁହେଁ ବୋଲି କହିଛନ୍ତି ନରସିଂହ ମିଶ୍ର । ସେ ଆହୁରି କହିଛନ୍ତି ଓଡ଼ିଶା କଂଗ୍ରେସ ଭୋଟ ଦେବନି କିମ୍ବା ସମର୍ଥନ କରିବନି ବୋଲି ସ୍ପଷ୍ଟ କରିଛନ୍ତି ଓଡ଼ିଶା ତେବେ ବ୍ୟକ୍ତି ଯେତେ ଭଲ ହୋଇଥାନ୍ତୁ କିମ୍ବା ଆଚରଣ ବ୍ୟବହାର ତଥା ଉପଲବ୍ଧି ଯାହା ହୋଇଥାଉ ସେ ଯଦି ଆରଏସଏସ କିମ୍ବା ବିଜେପି ଚିନ୍ତା ଧାରାର ଲୋକ ହୋଇଥିଲେ ତାକୁ କଂଗ୍ରେସ କେବେ ସମର୍ଥନ ଦେବ ନାହିଁ । ଯଦିଓ ଦ୍ରୌପଦୀ ମୁର୍ମୁ ଜଣେ ଭଲ ରାଜନୀତିଜ୍ଞ ଓ ଭଲ ବ୍ୟକ୍ତି ବିଶେଷ । କିନ୍ତୁ ସେ ବିଜେପି ଚିନ୍ତାଧାରା ପରିପୋଷଣ କରନ୍ତି । ତେଣୁ କଂଗ୍ରେସ ତାଙ୍କୁ କେବେ ସମର୍ଥନ ଦେବ ନାହିଁ । ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅପିଲ କେବଳ ଆଖି ଦେଖାଣିଆ । ବିଜେଡି ଓ ବିଜେପି ଏକ ବୋଲି ସେ କହିଛନ୍ତି । ଯାହା ପାଇଁ ପୂର୍ବରୁ ନବୀନ ପଟ୍ଟନାୟକ ଦିଲ୍ଲୀରେ ମୋଦୀଙ୍କୁ ଭେଟି ସଲାସୁତୁରା କରି ସାରିଥିବାର ସେ ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯଦି ମୁଖ୍ୟମନ୍ତ୍ରୀଙ୍କ ଓଡିଆ ପ୍ରୀତି ରହିଛି ତେବେ ଜଣେ ଅଣଓଡିଆଙ୍କୁ ରାଜ୍ୟସଭା କଣପାଇଁ ପଠାଉଥିଲେ । ରାଜ୍ୟରେ କଣ ଓଡିଆ ପ୍ରାର୍ଥୀ ନଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି ।

## ଓଭର ଲୋଡିଂ ଘରୋଇ ସ୍କୁଲ ବସ୍‌କୁ ଧରିଲେ ଗଣଶିକ୍ଷାମନ୍ତ୍ରୀ

ଆନନ୍ଦପୁର,୨୩/୦୬ (ନି.ପ୍ର): ଓଭର ଲୋଡିଂ ଘରୋଇ ସ୍କୁଲ ବସ୍‌କୁ ଧରିଲେ ସ୍କୁଲ ଓ ଗଣଶିକ୍ଷାମନ୍ତ୍ରୀ । କେନ୍ଦୁଝର ଗସ୍ତରେ ଯାଉଥିବା ବେଳେ ଓଭର ଲୋଡିଂ ସ୍କୁଲ ବସ୍‌କୁ ଅଟକାଇ ପୁଲିସ୍ ଜିମାରେ ଦେଇଥିଲେ । ମନ୍ତ୍ରୀଙ୍କ ଏପରି ଉଦ୍ୟମକୁ ▶▶ପୃଷ୍ଠା ୭

## ମୁଁ ଏବେ ବି ବିଜେଡିରେ ଅଛି : ପ୍ରଦୀପ ପାଣିଗ୍ରାହୀ



ଭୁବନେଶ୍ୱର, ୨୩/୦୬ (ନି.ପ୍ର): ଦୀର୍ଘ ଦିନର ନୀରବତା ପରେ ମୁହଁ ଖୋଲିଛନ୍ତି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ । ଆଜି ନିଜ ନିର୍ବାଚନ ମଣ୍ଡଳୀ ଗସ୍ତ କରିବା ସମୟରେ ସେ ପ୍ରଶାସନ ଉପରେ ନିଜର ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ, ମୋତେ ଗୋପାଳପୁର ନିର୍ବାଚନ ମଣ୍ଡଳୀର କୌଣସି ବୈଠକକୁ ଡକାଯାଉ ନାହିଁ । କିନ୍ତୁ ନିୟମ ଅନୁସାରେ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ବୈଠକ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଆୟୋଜନ ସଂପର୍କରେ ଜଣାଇବା କଥା । କିନ୍ତୁ ତାଙ୍କୁ କେହି ଜଣାଉନାହାନ୍ତି । ସେ ଆହୁରି କହିଛନ୍ତି ଯେ ଏବେ ବି ତାଙ୍କ ନାଁ ବିଜେଡିରେ ରହିଛି । ମୁଖ୍ୟମନ୍ତ୍ରୀ ଯଦି ତାଙ୍କୁ ଭଲ ପାଉ ନଥାନ୍ତେ ତେବେ ସେ ଲିଖିତ ଭାବେ ବିଧାନସଭାକୁ ଜଣାଇଥାନ୍ତେ । ଆଉ ତାଲିକାରୁ ତାଙ୍କ ନାଁ ନିଶ୍ଚିତ କଟିଥାନ୍ତା । କିନ୍ତୁ ଗତ ଏପ୍ରିଲ ୨ ତାରିଖରେ ବିଧାନସଭା ୱେବ୍‌ସାଇଟ୍ ଅପ୍‌ଡେଟ୍ ହୋଇଛି । ହେଲେ ଏହାବାଦ୍ ବି ତାଙ୍କ ନାଁ ବିଜେଡିରେ ରହିଛି । କେବଳ ମିଡିଆରେ ତାଙ୍କୁ ବହିଷ୍କାର କରାଯାଇଛି ବୋଲି କୁହାଯାଇଥିବା ପ୍ରଦୀପ କହିଛନ୍ତି ।

## ଏନଆଇଏର ଡିଜି ହେଲେ ଆଇପିଏସ୍ ଦିନକର ଗୁପ୍ତା

ନୂଆଦିଲ୍ଲୀ, ୨୩/୦୬ : ବରିଷ୍ଠ ଆଇପିଏସ୍ ଦିନକର ଗୁପ୍ତାଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ)ର ଡିଜି ଭାବେ ନିଯୁକ୍ତି ମିଳିଛି । ଗୁରୁବାର କେନ୍ଦ୍ର ପକ୍ଷରୁ ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଦିନକର ଗୁପ୍ତା ହେଉଛନ୍ତି ୧୯୮୭ ମସିହା ପଞ୍ଜାବ କ୍ୟାଡରର ଆଇପିଏସ୍ ଅଫିସର । ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ କମିଟି ଶ୍ରୀ ଗୁପ୍ତାଙ୍କୁ ଏନଆଇଏ ମହାନିର୍ଦ୍ଦେଶକ ଭାବେ ୨୦୨୪ ମାର୍ଚ୍ଚ ୩୧ ଯାଏ କାର୍ଯ୍ୟ ▶▶ପୃଷ୍ଠା ୭

## ମାଗଣା ବାଣ୍ଟିବାରେ ଓଡ଼ିଶା ଆଗୁଆ: ରିଜର୍ଭ ବ୍ୟାଙ୍କର ପରାମର୍ଶ, ମାଗଣା ବାଣ୍ଟିଲେ ରାଜକୋଷ ଉପରେ ବଢ଼ିବ ଚାପ



ଭୁବନେଶ୍ୱର, ୨୩/୦୬ (ନି.ପ୍ର): ହିତାଧିକାରୀଙ୍କୁ ସବସିଡି ବାଂଟିବାରେ ଆଗରେ ରହିଥିବା ରାଜ୍ୟ ତାଲିକାରେ ରହିଛି ଓଡ଼ିଶା । ରିଜର୍ଭ ବ୍ୟାଙ୍କ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି । ଆରବିଆଇ କହିଛି, ରାଜ୍ୟ ସରକାର ଯେଉଁ ସବସିଡି ଦେଉଛନ୍ତି, ତାହାର ସିଂହଭାଗ ମାଗଣା ସ୍କିମ ପ୍ରଦାନ କରୁଛନ୍ତି । ରାଜ୍ୟଗୁଡିକୁ ସତର୍କ କରି ରିଜର୍ଭ ବ୍ୟାଙ୍କ କହିଛି, ମାଗଣା ବିଜୁଳି, ମାଗଣା ପାଣି, ମାଗଣା ପରିବହନ ସୁବିଧା, ବିଜୁଳି ବିଲ୍ ଛାଡ଼, କୃଷି ଋଣ ଛାଡ଼ ଆଦିରେ ସବସିଡି ବାବଦରେ ଅଧିକ ଖର୍ଚ୍ଚ କରୁଛନ୍ତି ରାଜ୍ୟ ସରକାର । ଏହି ସ୍କିମ୍ ଯୋଗୁଁ ଘରୋଇ ନିବେଶ ହ୍ରାସ ପାଉଛି, ଶ୍ରମ ଶକ୍ତିର ଯୋଗଦାନ ମଧ୍ୟ କମିଯାଉଛି । ଏହା ଜାରି ରହିଲେ ରାଜକୋଷ ଉପରେ ଚାପ ପଡିବ ବୋଲି କହିଛି ଆରବିଆଇ । ଓଡ଼ିଶାରେ କାଳିଆ, ବଳରାମ ଯୋଜନା ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାରେ ସବସିଡି ବାବଦରେ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି । ରାଜ୍ୟରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ମାଗଣା ସ୍କିମ୍ ରହିଛି । ବିଜେଡି ଉପସଭାପତି ଦେବୀପ୍ରସାଦ ମିଶ୍ର କହିଛନ୍ତି, ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ହେଉଛି, ଚାଷୀଙ୍କ ସ୍ୱାବଲମ୍ବୀ କରିବା ଓ ▶▶ପୃଷ୍ଠା ୭

## ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲା: ରିଆ ଚକ୍ରବର୍ତ୍ତୀ ଓ ଭାଇ ସୌଭିକ ଚକ୍ରବର୍ତ୍ତୀ ନାଁରେ କୋର୍ଟରେ ଚାର୍ଜସିଟ ଦାଖଲ କଲା ଏନ୍‌ସିବି

ନୂଆଦିଲ୍ଲୀ, ୨୩/୦୬ : ପୁଣି ଥରେ ବଲିଉଡ ଅଭିନେତ୍ରୀ ରିୟା ଚକ୍ରବର୍ତିଙ୍କ ଅଡୁଆ ବଢିଛି । ନାର୍କୋଟିକସ କଂଟ୍ରୋଲ ବ୍ୟୁରୋ ରିୟା ଚକ୍ରବର୍ତୀଙ୍କ ବିରୋଧରେ ଡ୍ରାଫ୍ଟ ଚାର୍ଜ ଦାଖଲ କରିଛି । ୨ ବର୍ଷ ତଳେ ଦିବଂଗତ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପରେ ଏନସିବି ଏହି ମାମଲାରେ ଡ୍ରଗସ ଲିଙ୍କର ଯାଂଚ କରିଥିଲା । ତେବେ ଡ୍ରଗସ ମାମଲା ଖୋଳତୋଡ ପରେ ଏନସିବି ଫଂଦାକୁ ଆସିଥିଲେ ଅନେକ ବଡ ନାମିଦାମୀ ଚେହେରା । ତେବେ ବୁଧବାର ରିୟା ଚକ୍ରବର୍ତୀଙ୍କ ସମେତ ତାଙ୍କ ଭାଇ ଶୌଭିକ୍ ଓ ସୁଶାନ୍ତ ସିଂଙ୍କ ମ୍ୟାନେଜର, ରୋଷେୟା ଙ୍କ ସମେତ ୩୫ ଜଣଙ୍କ ବିରୋଧରେ ଏନସିବି ଏକ ସ୍ୱତନ୍ତ୍ର ଅଦାଲତରେ ଚାର୍ଜସିଟ୍ ଦାୟର ହେଇଛି । ତେବେ ସମସ୍ତ ଆରୋପୀଙ୍କ ବିରୋଧରେ ନିଶା ଦ୍ରବ୍ୟ ସେବନ ତଥା ବିକ୍ରି ଓ କିଣିବା ସମ୍ପର୍କିତ ଅଭିଯୋଗ ଲାଗିଥିଲା । ତେବେ ଏହି ମାମଲାର ପରବର୍ତୀ ଶୁଣାଣି ଜୁଲାଇ ୧୨ ରେ ହେବ ।

## ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଦ୍ରୌପଦୀ





ନୂଆଦିଲ୍ଲୀ/ଭୁବନେଶ୍ୱର, ୨୩/୦୬ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର)ରାଷ୍ଟ୍ରପତି ପଦବୀ ପାଇଁ ନାମାଙ୍କନ ଦାଖଲ କରବେ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ । ଏହା ପୂର୍ବରୁ ଶ୍ରୀମତୀ ମୁର୍ମୁ ଦିଲ୍ଲୀ ଯାଇ ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ରମନ୍ତ୍ରୀମାନଙ୍କୁ ଭେଟିଛନ୍ତି । ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱରରୁ ବିମାନ ଯୋଗେ ନୂଆଦିଲ୍ଲୀରେ ପହଂଚିବା ପରେ ପ୍ରଥମେ ଦ୍ରୌପଦୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି । ଉଭୟଙ୍କ ଭେଟଘାଟର ଫଟୋ ପ୍ରଧାନମନମନ୍ତ୍ରୀ ମୋଦି ଟ୍ୱିଟ କରିଛନ୍ତି । ମୋଦି ଲେଖିଛନ୍ତି ଦ୍ରୌପଦୀ ମୁର୍ମୁଙ୍କ ପ୍ରାର୍ଥୀତ୍ୱକୁ ସମଗ୍ର ଦେଶରେ ସମର୍ଥନ ମିଳୁଛି । ସମାଜର ସମସ୍ତ ବର୍ଗରୁ ଦ୍ରୌପଦୀଙ୍କୁ ବିପୁଳ ସମର୍ଥନ ମିଳୁଛି । ସମାଜର ତୃଣମୂଳସ୍ତରରେ ସମସ୍ୟାକୁ ସେ ସଠିକ୍ ଭାବେ ହୃଦୟଙ୍ଗମ କରିଥିବା ମୁର୍ମୁଙ୍କର ଦେଶର ଉନ୍ନତି ପାଇଁ ତାଙ୍କର ଦୂରଦୃଷ୍ଟି ବେଶ ମହତ୍ୱପୂର୍ଣ୍ଣ । ସେହିପରି ଦ୍ରୌପଦୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ମଧ୍ୟ ଭେଟିଛନ୍ତି । ଏଥିସହ ବଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସମେତ ବିଭିନ୍ନ କେନ୍ଦ୍ରୀୟ ନେତାଙ୍କୁ ଭେଟିଛନ୍ତି । ଅପରାହ୍ନରେ ସେ ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁଙ୍କୁ ମଧ୍ୟ ଭେଟିଛନ୍ତି । ଗୁରୁବାର ସକାଳେ ୯ଟା ୪୦ରେ ସେ ଭୁବନେଶ୍ୱର ବିମାନବନ୍ଦରରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ । ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ମନୋନୀତ ହୋଇଥିବାରୁ ଏହି ଅବସରରେ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ସହଯୋଗ କାମନା କରିଥିଲେ । ଏମସିଏଲ୍ ଗେଷ୍ଟ ହାଉସ୍ ରୁ ଜେଡ ପ୍ଲସ ସୁରକ୍ଷାରେ ଆସିବା ପରେ ତାଙ୍କୁ ସ୍ୱାଗତ କରିବାକୁ ପାରମ୍ପରିକ ନାଚଗୀତରେ ଦୁଲୁକିଥିଲା ବିମାନବନ୍ଦର । ବିମାନବନ୍ଦରରେ ଅସମ୍ଭବ ଭିଡ଼ ଜମିଥିଲା । ଦ୍ରୌପଦୀଙ୍କୁ ଶୁଭେଚ୍ଛା ଜଣାଇବା ନିମନ୍ତେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବହୁ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମୀ, ବିଜେପି ନେତା ଓ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୧୪ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର, ୨୩/୦୬ (ନି.ପ୍ର): ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଥିବା ବେଳେ ଆଗାମୀ ୨୪ଘଂଟା ମଧ୍ୟରେ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଏଥିପାଇଁ ସବୁ ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଂଜାମ, ବୌଦ୍ଧ, ଅନୁଗୁଳ, କଟକ, ଢ଼େଙ୍କାନାଳ, ମୟୂରଭଂଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ ଓ ଯାଜପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ଓଡିଶାର ଅନ୍ୟ ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୪ରୁ ୨୫ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ,ଯାଜପୁର,କେନ୍ଦ୍ରାପଡା, କଟକ, ଜଗତସିଂହପୁର, କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳ, ବୌଦ୍ଧ, ସୋନପୁର, କନ୍ଧମାଳ , ସମ୍ବଲପୁର ଓ ବରଗଡ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ , ଢେଙ୍କାନାଳ, କେନ୍ଦୁଝର, ମୟୁରଭଂଜ, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ବୌଦ୍ଧ , କନ୍ଧମାଳ, ସୋନପୁର ଓ ବଲାଙ୍ଗୀର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ।

# ନବ ନିର୍ବାଚିତ ପଂଚାୟତ ପ୍ରତିନିଧିଙ୍କୁ ଗାଁ କଲ୍ୟାଣ ସମିତି ବିଷୟରେ ତାଲିମ୍

କନ୍ଧମାଳ,୨୩/୦୬ (ନି.ପ୍ର): ସଂପ୍ରତି ରାଜ୍ୟରେ ସ୍ୱାସ୍ଥ୍ୟଗତ ଗ୍ରାମୀଣ ସମସ୍ୟାଗୁଡିକୁ ସମାଧାନ କରିବା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଆସୁଥିବା ବେଳେ ଗାଁ କଲ୍ୟାଣ ସମିତି ପରିଚାଳନା ତତ୍‌ମଧ୍ୟରୁ ଅନ୍ୟତମ । ସେଥି ନିମନ୍ତେ ଏହାର ଗୁରୁତ୍ୱକୁ ଆଖି ଆଗରେ ରଖି ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସ୍ୱାତୀ" ଙ୍କ ପ୍ରଚେଷ୍ଟା ଓ "କ୍ରାଏ" କୋଲକତାଙ୍କ ସହାୟତାରେ ପାହିରାଙ୍କୁ ଓ ବାଲନ୍ଦାପଡା ଠାରେ ଏକ ଦିନିକିଆ ଗାଁ କଲ୍ୟାଣ ସମିତି ପରିଚାଳନା ଶୀର୍ଷକ ତାଲିମ୍ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବାଲନ୍ଦାପଡା ଗ୍ରାମପ ।ୟତର ସରପ ନିରାକାର ନାୟକ ଓ ପାହିରାଙ୍କୁ ସରପଂଚ କେଶବ କହଁର ଉଦ୍‌ଘାଟନ କରି ଏହି ତାଲିମ୍ ଟି ଗାଁ କଲ୍ୟାଣ ସମିତିର ସଭାପତି ତଥା ନବନିର୍ବାଚିତ ୱାର୍ଡ ସଭ୍ୟସଭ୍ୟା ମାନଙ୍କ ପାଇଁ ନିଶ୍ଚିତରୂପେ ସହାୟକ ହେବବୋଲି କହିଥିଲେ । ଅନୁଷ୍ଠାନ ତରଫରୁ ବିଶ୍ୱରଞ୍ଜନକର ତାଲିମ୍ ଟିମ୍‌କୁ ପରିଚାଳନା କରିଥିଲେ ଏବଂ ଆଲୋକ ସାମନ୍ତରାୟ ସହଯୋଗ କରିଥିଲେ । ତାଲିମ୍ ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ଆସୁଥିବା ୧୦ ହଜାର ଟଙ୍କାର ଖୋଲାପାଣ୍ଠିକୁ ରାଜସ୍ୱ ଗ୍ରାମ ମାନଙ୍କରେ କିପରି ସୁ-ବିନିଯୋଗ କରି ସେ ନେଇ ଆଲୋଚନା କରାଯାଇଥିଲା । ଗାଁ କଲ୍ୟାଣ ସମିତିର ଗଠନ ପ୍ରଣାଳୀ, ହାତକୁ ନିଆଯାଇ ପାରୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକ ସ୍ୱାସ୍ଥ୍ୟ ଓ ସୁସ୍ଥ ପରିମଳର ସମନ୍ୱୟ ସଭାପତି ଓ ଆବାହିକାଙ୍କ ଭୂମିକା, ଆଶକର୍ମୀ ମାନଙ୍କ ଭୂମିକା ଓ ସଠିକ୍ ଦାୟୀତ୍ୱ ବ ନ ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଯାଇଥିଲା । ଏଥି ସହିତ ବାର୍ଷିକ ଯୋଜନା ଗୁଡିକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ବର୍ଷ ଆରମ୍ଭରେ ପ୍ରସ୍ତୁତ କରିବା ପାଇଁ ମଧ୍ୟ ଉପଦେଶ ଦିଆଯାଇଥିଲା । ତତ୍‌ସହିତ ଯୋଜନାରେ କିପରି ଗ୍ରାମରେ ଥିବା ଦୁଃଖୀ ଓ ଅସହାୟ ପରିବାର ଗୁଡିକ ଯେଡିହେବେ ସେଥିନିମନ୍ତେ ଧ୍ୟାନ ଦେବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ମାଣିକ ବେହେରା, ପ୍ରଭାସିନି ଦଳବେହେରା, ଅନନ୍ତଚରଣ, ପୁଷ୍ପିତା ସାହୁ ଓ ଅନୁପମା କହଁର ପରିଚାଳନାରେ ସହଯୋଗ କରିଥିଲେ ।

# ବନବାସୀ ଅନୁଷ୍ଠାନ ପକ୍ଷରୁ ମାଗଣାରେ ଖଲି ସିଲେଇ ତାଲିମ ପ୍ରଦାନ

କନ୍ଧମାଳ ,୨୩/୦୬ (ନି.ପ୍ର): କନ୍ଧମାଳ ଜିଲାର ବାଲିଗୁଡ଼ା ଠାରେ ଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବନବାସୀ ସେବା ସମିତି ଏବେ ଗ୍ରାମୀଣ ମହିଳାମାନଙ୍କୁ ମାଗଣାରେ ଉନ୍ନତମାନର ଖଲି ସିଲେଇ ତାଲିମ ପ୍ରଦାନ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଅଞ୍ଚଳର ଶତାଧିକ ଆଦିବାସୀ ମହିଳା ଏବେ ଉନ୍ନତମାନର ପେପର ପଟ୍ଟେ ଖଲି ଓ ଦନା ସିଲେଇ କରି ତାକୁ ବଜାରରେ ବିକ୍ରି କରି ଭଲ ଦି ପଇସା ରୋଜଗାର କରୁଥିବା କହିଛନ୍ତି । ଆଉ କିଛି ମହିଳା ଖଲି ୟୁନିଟରେ ମଧ୍ୟ ଚାକିରି କରି ଭଲ ରୋଜଗାର ମଧ୍ୟ କରିପାରୁଛନ୍ତି । ଫଳରେ ଏହି ସଂସ୍ଥାର ସଂପାଦକ ଉତ୍ସବ ଚନ୍ଦ୍ର ଜେନା, ଓ ସହ ସଂପାଦକ ରବୀନ୍ଦ୍ର ନାଥ ପଣ୍ଡାଙ୍କ ଏହି ଉଦ୍ୟମକୁ ପ୍ରସଂଶା କରିଛନ୍ତି ।କନ୍ଧମାଳରେ ଆଦିବାସୀ ମହିଳାମାନେ ଜଙ୍ଗଲରୁ ଶିଆଳି ଓ ଶାଳପତ୍ର ସଂଗ୍ରହ କରି ଖଲି ସିଲେଇ କରି ବଜାରରେ ବିକ୍ରି କରୁଥିଲେ । ଆଉ ବହୁତ କମ ପାରିଶ୍ରମିକ ପାଉଥିଲେ । ଏବେ କିନ୍ତୁ କମ ପରିଶ୍ରମରେ ଅଧିକ ମୂଲ୍ୟ ପାଉଛନ୍ତି ।ଏହି ସହ ବାହାଘର,ବ୍ରତ, ଜନ୍ମଦିନ, ସଭାସମିତି ଏବଂ ହୋଟେଲ ଆଦି ରେ ଏହି ଖଲି ବହୁଳ ବ୍ୟବହାର କରାଯାଉଥିବା ସେମାନେ କହିଛନ୍ତି । ଜିଲ୍ଲାର ଏହି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବନବାସୀ ସେବା ସମିତିର ରାଜ୍ୟ ଓ ରାଜ୍ୟ ବାହାରେ ମଧ୍ୟ ବେଶ ନା ରହିଛି ।ଏହି ସଂସ୍ଥା ପକ୍ଷରୁ ଶିକ୍ଷା, ବୃଦ୍ଧା ଶ୍ରମ, ଶିଶୁ ସୁରକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ, ଆଦି ଅନେକ କାର୍ଯ୍ୟକ୍ରମମାନ କରାଯାଉଛି । ସେହିପରି ବିଭିନ୍ନ ପ୍ରକାର ତାଲିମ କାର୍ଯକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି । ଗତ ୧୯୭୪ ରୁ ପ୍ରତିଷ୍ଠା ହୋଇଥିବା ଏହି ଅନୁଷ୍ଠାନ ଅତୀତରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଜିଲ୍ଲା , ରାଜ୍ୟ ଓ ଜାତୀୟସ୍ତରରେ ମଧ୍ୟ ପୁରସ୍କୃତ ମଧ୍ୟ ହୋଇଛି । ଏଥିରେ ସଂପାଦକ ଉତ୍ସବ ଜେନା ଓ ସହ ସଂପାଦକ ରବୀନ୍ଦ୍ର ପଣ୍ଡାଙ୍କ ନିଷ୍ଠାପର ଉଦ୍ୟମ, ଆନ୍ତରୀକତା, ସଚ୍ଚୋଟତା ଓ ସର୍ବୋପରି ସେବା ମନୋବୃତ୍ତି ଯୋଗୁଁ ଏହି ଅନୁଷ୍ଠାନ ଆଜି ଜାତୀୟସ୍ତରରେ ସୁନାମ ଅର୍ଜନ ସହ ରାଷ୍ଟ୍ରପତି ପୁରସ୍କାର ମଧ୍ୟ ଲାଭ କରିଛି ।

# ଝାରସୁଗୁଡ଼ା ଜିଲ୍ଲା ହକି ସଂଘର ସ୍ମରଣିକା ଉନ୍ମୋଚନ

ଝାରସୁଗୁଡ଼ା,୨୩/୦୬ (ନି.ପ୍ର): ଜିଲ୍ଲା ହକି ସଂଘର ସ୍ମରଣିକା ଆଜି ଜିଲ୍ଲାପାଳ ତଥା ସଂଘର ସଭାପତି ସରୋଜ କୁମାର ସାମଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି । ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ସାମଲ ସ୍ମରଣିକା ଉନ୍ମୋଚନ କରିବା ସହ ଜିଲ୍ଲାରେ ହକିକୁ ଆଦୃତ କରାଇବା ଦିଗରେ ସମସ୍ତେ ଆନ୍ତରିକତାର ସହ ଉଦ୍ୟମ କରିବା ପାଇଁ ସହଯୋଗ କାମନା କରିଥିଲେ । ଜିଲ୍ଲାରେ ହକିକୁ ବ୍ୟାପକ କରିବା ପାଇଁ ମୋ 'ଦ' ସ୍କୁଲ ହକି କ୍ଲବ ଅଭିଯାନ 'ଦ' କୁ ଆଗକୁ ଆଗେଇ ନେବାର ଆବଶ୍ୟକତା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ପ୍ରତି ବର୍ଷ ରାଜ୍ୟ ସ୍ତରରେ ଆୟୋଜିତ ସ୍କୁଲ ସ୍ତରୀୟ ହକି ପ୍ରତିଯୋଗିତାରେ ଝାରସୁଗୁଡା ଜିଲ୍ଲା ଅଂଶ ଗ୍ରହଣ ପାଇଁ ପ୍ରସ୍ତୁତି, ଜିଲ୍ଲାରେ ଜୁନିଅର ଓ ସବ-ଜୁନିଅର ସ୍ତରୀୟ ହକି ମ୍ୟାଚ୍ ଆୟୋଜନ ଖସଡ଼ା ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ ସଂଘର କାର୍ଯ୍ୟକାରିଣୀ କମିଟିର ସଦସ୍ୟ/ ସଦସ୍ୟାବୃନ୍ଦ ତଥା ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅଧ୍ୟକ୍ଷ ଉପସ୍ଥିତ ଥିଲେ । ଓଡ଼ିଶା ହକି ସଂଘ ଉପ ସଭାପତି ଜୀବନ ମହାନ୍ତି ପ୍ରାକ୍‌ସୂଚନା ପ୍ରଦାନ କରିଥିବା ବେଳେ ନିର୍ବାହୀ ଯନ୍ତ୍ରୀ ( ରାସ୍ତା ଓ ଗୃହ ) ତଥା ସଂଘ ସାଧାରଣ ସମ୍ପାଦକ ପ୍ରଦୀପ୍ତ ନାଥ ଧନ୍ୟବାଦ ଅର୍ପଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରବୀର କୁମାର ନାୟକ, ଡି ଏସ୍ ପି ବନଶ୍ରୀ ରାଉତରାୟ, ଜିଲ୍ଲା ଶିକ୍ଷା ଅଧିକାରୀ ପୁଷ୍ପଲତା ମିଞ୍ଜ, ଜିଲ୍ଲା କ୍ରୀଡା ଅଧିକାରୀ ସୁଶୀଲ କୁମାର ମିଶ୍ର , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ଜେନା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଡମ୍ବରୁଧର ପୂଜାରୀ, ପ୍ରଜ୍ଜ୍ୱଲ ପଟେଲ ଓ ଶାନ୍ତିନାଏକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ନିଆରା ଢଙ୍ଗରେ ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ କଲେ ତରୁଣ ଚିତ୍ରକର ପ୍ରସାଦ

କନ୍ଧମାଳ,୨୩/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଦାୟୀତ୍ୱ ଗ୍ରହଣ କରିଛନ୍ତି ଆଶିଷ ଇଶ୍ୱର ପାଟିଲ । ସେ ୨୦୧୭ ବ୍ୟାଚ୍‌ର ଆଇଏଏସ ଅଧିକାରୀ ଅଟନ୍ତି । ସେ ଜିଲ୍ଲାରେ ନୂତନ ଭାବରେ ଯୋଗ ଦେବା ପରେ ତାଙ୍କୁ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ସାମ୍ବାଦିକ ସଂଘ, ବୁଦ୍ଧିଜୀବି ମାନେ ସ୍ୱାଗତ ଜଣାଇଛନ୍ତି । ତାଙ୍କୁ ନିଆରା ଢଙ୍ଗରେ ସ୍ୱାଗତ କରିଛନ୍ତି ଫୁଲବାଣିର ଜଣାଶୁଣା ତରୁଣ ଚିତ୍ରକର ପ୍ରସାଦ ସୋନୁ । ଜିଲ୍ଲାପାଳଙ୍କୁ ସ୍ୱାଗତ କରିବା ପାଇଁ ସେ ଜିଲ୍ଲପାଳଙ୍କ ଚିତ୍ର ଆଙ୍କି ତାଙ୍କୁ ସ୍ୱାଗତ କରିବା ଅବସରରେ ଉପହାର ଦେଇଛନ୍ତି ପ୍ରାସଦ । ତାଙ୍କର କଳାକୃତିକୁ ଦେଖି ଖୁସି ବ୍ୟକ୍ତ କରିଛନ୍ତି ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ । ଏହାସହିତ ସେ ପ୍ରସାଦଙ୍କୁ ଶୁଭେଛା ଜଣାଇବା ସହିତ ପାଠପଢା ସହିତ ଚିତ୍ର କଳା ଦିଗରେ ଅଧିକ ଗୁରୁତ୍ୱ ଦେବକୁ। ପରାମର୍ଶ ଦେଇଛନ୍ତି । ପ୍ରାସଦ ଫୁଲବାନୀ କେନ୍ଦ୍ରୀୟ ବିଦ୍ୟାଳୟର ଜଣେ ୧୦ମ ଶ୍ରେଣୀର ଛାତ୍ର ଅଟନ୍ତି । ତାଙ୍କର ଏହି କଳାକୃତି ପାଇଁ ଅନେକ ଶୁଭେଚ୍ଛାର ସୁଅ ଛୁଟିଛି ।

# ହାଇସ୍କୁଲ ନିକଟରେ ହମ୍ପସ୍ କରିବା ପାଇଁ ଦାବି

କେନ୍ଦ୍ରାପଡ଼ା,୨୩/୦୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପାଣ୍ଡିରି ଦୁହୁରିଆ ଠାରେ ଥିବା ରତ୍ନାକର ହାଇସ୍କୁଲ ନିକଟରେ ହମ୍ପସ କରିବା ପାଇଁ ସ୍କୁଲ କମିଟିର ସଦସ୍ୟମାନେ ଦାବି କରିଛନ୍ତି । ଜଗତପୁର ଚାନ୍ଦବାଲି ରାଜ୍ୟ ରାଜପଥ ରାସ୍ତାକୁ ଲାଗି ହାଇସ୍କୁଲଟି ଥିବାରୁ ଦୈନଦିନ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଗ୍ରାମାବସୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏଠାରେ ହମ୍ପସ୍ କରିବା ପାଇଁ ଦୀର୍ଘଦିନ ହେଲା ସ୍କୁଲ କମିଟି ପକ୍ଷରୁ ଦାବି କରାଯାଉ ଥିଲେ ମଧ୍ୟ ପୂର୍ତ୍ତ ବିଭାଗ ଆବଶ୍ୟକ ଥିବା ଯାଗାରେ ହମ୍ପସ୍ ନକରି ଅନ୍ୟ ଯାଗାରେ ହମ୍ପସ କରିବାରୁ ସ୍କୁଲ କମିଟି ସଦସ୍ୟ ସାରଦା ପ୍ରସନ୍ନ ନାଥ, ଦେବାଶିଷ ଦାସ, ଅଞ୍ଜନ କୁମାର ପଲାଇ, ଦିପ୍ତୀ ଦାସ, ସସ୍ମିତା ସ୍ୱାଇଁ, ସସ୍ମିତା ରାଉତ, ସଂଜୟ ବିଶ୍ୱାଳ ପ୍ରମୁଖ ଏହାର ବିରୋଧ କରି ବୁଧବାର ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା ଓ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ହାଇସ୍କୁଲ ସାମନାରେ ହମ୍ପସ୍ କରିବାକୁ ଦାବି କରିଛନ୍ତି ।

# ବେବନ୍ଦୋବସ୍ତ ଜାଗା ଦଖଲରେ ରଖିଥିବା ବ୍ୟକ୍ତିଙ୍କଠାରୁ ଆଦାୟ ହେବ ଖଜଣା

କେନ୍ଦ୍ରାପଡ଼ା,୨୩/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ତହସିଲ ଅଧିନରେ ଦୀର୍ଘବର୍ଷ ଧରି ବେବନ୍ଦୋବସ୍ତ ଜାଗାକୁ ନିଜ ଦଖଲରେ ରଖିଥିବା ବ୍ୟକ୍ତି ବିଶେଷଙ୍କ ଠାରୁ ଖଜଣା ଆଦାୟ କରାଯିବ ବୋଲି ଜଣାପଡିଛି । ବୁଧବାର ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ବୈଠକରେ ଡେପୁଟି କଲେକ୍ଟର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ସୁକାନ୍ତ କୁମାର ଜେନା, ରଞ୍ଜନ କୁମାର ସାହୁ, ଦେବଦାସ ଷଡଙ୍ଗୀଙ୍କ ସମେତ ଅବସର ପ୍ରାପ୍ତ ଚକବନ୍ଦୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରଥ ପ୍ରମୁଖ ଯୋଗ ଦେଇ ଜିଲ୍ଲାରେ ବେବନ୍ଦୋବସ୍ତ ଜାଗାକୁ ଯେତେବର୍ଷ ଧରି ଦଖଲରେ ରଖିଥିବା ବ୍ୟକ୍ତିଙ୍କ ଠାରୁ ଆଜି ପର୍ଯ୍ୟନ୍ତ ତାହାର ଖଜଣା ହିସାବ କରି ତାଙ୍କ ଠାରୁ ଆଦାୟ କରାଯିବା ସହିତ ତାଙ୍କୁ ପଟା ଦେବାର ବନ୍ଦୋବସ୍ତ କରାଯିବ ବୋଲି ଜଣାପଡିଛି ।

# କେନ୍ଦ୍ରାପଡ଼ାରେ ରାଜ୍ୟ ମହିଳା ଆୟୋଗଙ୍କ ଶିବିର ଅଦାଲତ

କେନ୍ଦ୍ରାପଡ଼ା,୨୩/୦୬ (ନି.ପ୍ର): ରାଜ୍ୟ ମହିଳା ଆୟୋଗଙ୍କ ଶିବିର ଅଦାଲତ କେନ୍ଦ୍ରାପଡା ଟାଉନ ହଲରେ ବୁଧବାର ପୂର୍ବାହ୍ଣରେ ଅନୁଷ୍ଠିତ ହୋଇ ଯାଇଛି । ଆୟୋଗର ଅଧ୍ୟକ୍ଷା ଡ଼ଃ ମିନତୀ ବେହେରା, ସଦସ୍ୟା ସେହ୍ନାଞ୍ଜଳୀ ମହାନ୍ତି ଓ ଆରତୀ ସିଂହ ପ୍ରମୁଖ ଯୋଗ ଦେଇ ରେଜେଷ୍ଟ୍ରି ଭୁକ୍ତ ହୋଇଥିବା ମାମଲା ଗୁଡିକର ସମାଧାନ କରିଥିଲେ । ମୋଟ ୫୬ଟି ମାମଲା ପଞ୍ଜିକୃତ ହୋଇଥିବାବେଳେ ସେଥି ମଧ୍ୟରୁ ୩୫ଟି ମାମଲାର ପକ୍ଷମାନେ ଶିବିର ଅଦାଲତରେ ଉପସ୍ଥିତ ଥିଲେ । ୯ଟି ମାମଲାରେ ଉଭୟପକ୍ଷ, ୨୨ ଜଣ ବ୍ୟକ୍ତିଗତ ଆବେଦନକାରୀ ଓ ବିପକ୍ଷ ୪ଜଣ ଅଦାଲତରେ ହାଜର ହୋଇଥିଲେ । ଦରିଦ୍ର ଉପେକ୍ଷିତ ତଥା ନିର୍ଯ୍ୟାତିତା ମହିଳା ମାନଙ୍କୁ ଆଇଗତ ସହାୟତା ଯୋଗାଇ ଦେଇ ସହାବସ୍ଥାନ ଓ ଶାନ୍ତିପୂର୍ଣ୍ଣ ଭାବେ ସହମତି ଆଧାରରେ ମାମଲା ଗୁଡିକୁ ଫଏସଲା କରିବା ପାଇଁ ଆହ୍ୱାନ ଦେଇଥିଲେ । ସମୁଦାୟ ୩୫ଟି ମାମଲାରୁ ସହମତିରେ ୭ଟି ମାମଲା ଫଏସଲା ହୋଇଥିବାବେଳେ ୨ଟି ମାମଲାକୁ ଅସହଯୋଗ କାରଣରୁ ବନ୍ଦ କରି ଦିଆଯାଇଛି । ୩ଟି ମାମଲାକୁ ଆରକ୍ଷୀ ଅଧିକ୍ଷକ, ୨ଟି ମାମଲାକୁ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ଗୋଟିଏ ମାମଲା ହସ୍ତାନ୍ତର କରାଯାଇଛି । ଏହା ସହ ୨୦ଟି ପକ୍ଷଙ୍କୁ ପୁନଃ ଉପସ୍ଥିତି ପାଇଁ ନୋଟିସ ଦିଆଯାଇଛି । ଶିବିରରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଇନ୍ଦ୍ରମଣି ବେହେରା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ସମାଜ ମଙ୍ଗଳ ଅଧିକାରୀ ଶଙ୍କର ଜେନା, ସୁରକ୍ଷା ଅଧିକାରୀ ସଂଯୁକ୍ତା ମିଶ୍ର, ପ୍ରକଳ୍ପ ସଂଯୋଜକ ମନୋରଞ୍ଜନ ଦାସ, ସୂଚନା ଲୋକ ସଂପର୍କ ଅଧିକାରୀ ଅଶୋକ କୁମାର ବଳିଆର ସିଂହ ପ୍ରମୁଖ ଶୁଣାଣୀରେ ସହଯୋଗ କରିଥିଲେ । ଆୟୋଗ କାର୍ଯ୍ୟାଳୟର ଆଇନ ଅଧିକାରୀ ଅରବିନ୍ଦ ପଟ୍ଟନାୟକ ଓ ଅନ୍ୟ କର୍ମଚାରୀ ମାନେ ଶିବିର ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ ।

# କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟିର ସଭାପତି ଭାବେ ପ୍ରମୋଦ ସାହୁ ନିର୍ବାଚିତ

କେନ୍ଦ୍ରାପଡ଼ା,୨୩/୦୬ (ନି.ପ୍ର): କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟିର ସଭାପତି ପଦ ପାଇଁ ଏକମାତ୍ର ପ୍ରାର୍ଥୀପତ୍ର ଦାଖଲ କରିଥିବା ବିଶିଷ୍ଟ ସମବାୟବିତ୍ ତଥା ସୋସାଇଟିର ପ୍ରତିଷ୍ଠାତା ପ୍ରମୋଦ କୁମାର ସାହୁ ୫ମ ଥର ପାଇଁ ସଭାପତି ଭାବେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ସୋସାଇଟିର ୧୫ଟି ଜୋନ ମଧ୍ୟରେ ୨ଟି ଜୋନ ମହିଳା, ୨ଟି ଅସଂରକ୍ଷିତ, ଗୋଟିଏ ଅନୁସୂଚିତ ଜାତି ପାଇଁ ନିର୍ଦ୍ଦିଷ୍ଟ ଥିବାବେଳେ ଅନ୍ୟ ୧୦ଟି ଆସନରେ ପଛୁଆ ବର୍ଗର ନିର୍ଦ୍ଦେଶକ ମାନେ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନରେ ୧ ଲକ୍ଷ ୩୩ ହଜାର ୬୧୧ ଜଣ ସଦସୟ ସଦସ୍ୟା ଭୋଟର ଭାବେ ମତଦାନ କରିଥିଲେ । ଏହି ସମିତିର କାର୍ଯ୍ୟସୀମା କଟକ, କେନ୍ଦ୍ରାପଡା, ଜଗତସିଂହପୁର ଓ ଯାଜପୁର ଜିଲ୍ଲା ମଧ୍ୟରେ ସୀମିତ ଥିବାବେଳେ ନିର୍ଦ୍ଦେଶକ ମଣ୍ଡଳୀକୁ ଅକ୍ଷୟ ଦାସ, ଦିଲିପ ପାତ୍ର, ସୁଶାନ୍ତ ମହାରଣା, ଦିଲିପ ରାଉତ, ପ୍ରଫୁଲ୍ଲ ମିସ୍ତ୍ରୀ, କୈଳାସ ବେହେରା, ବଲ୍ଲଭ ନନ୍ଦି, ଅମିତାବ ସାହୁ, ଅନସୂୟା ସାମଲ, ପ୍ରଭାତୀ ଲେଙ୍କା, ସେକ ରିୟାସତ, ଗିତାଞ୍ଜଳୀ ସାହୁ, ସାବନା ପରୱିନ, ଜିତେନ୍ଦ୍ର ଖୁଣ୍ଟିଆ ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ଶ୍ରୀ ସାହୁଙ୍କୁ ବିଭିନ୍ନ ମହଲରୁ ଓ ନିର୍ଦ୍ଦେଶକମାନଙ୍କ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସମିତିର ସଂପାଦକ ପ୍ରହଲ୍ଲାଦ ସାହୁ, ଅତିରିକ୍ତ ସଂପାଦକ ଅରବିନ୍ଦ ସାହୁ, ଜେନେରାଲ ମ୍ୟାନେଜର ମନୋଜ ସାହୁ, ବରିଷ୍ଠ ମ୍ୟାନେଜର ରମେଶ ସେଠୀଙ୍କ ସମେତ ବିଭିନ୍ନ ଶାଖାର ମ୍ୟାନେଜର, କର୍ମଚାରୀ ଓ ଏଜେଣ୍ଟ ମାନେ ଉପସ୍ଥିତ ଥିଲେ ।

# ପ୍ରେରଣା ପକ୍ଷରୁ ସବୁଜ ସୁନ୍ଦର ଭୁବନେଶ୍ୱର ଅଭିଯାନ ଉଦ୍‌ଘାଟିତ

ଭୁବନେଶ୍ୱର,୨୩/୦୬ (ନି.ପ୍ର): ଭୁବନେଶ୍ୱରକୁ ସବୁଜ ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ପାଇଁ ଆଜିଠାରୁ ପ୍ରେରଣା ପକ୍ଷରୁ ଆରମ୍ଭ ହୋଇଛି ସବୁଜ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ଭୁବନେଶ୍ୱର ଅଭିଯାନ । ସାମାଜିକ ଅନୁଷ୍ଠାନ ପ୍ରେରଣା ଓ ସିଟି କ୍ଲବ ଓ ୩୮ ନମ୍ବର ୱାର୍ଡ଼ର ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥିତ ନୟାପଲ୍ଲୀ ଦେବରାୟ କଲେଜ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପରିବେଶବିତ୍ ଡଃ ଭଗବାନ ପ୍ରକାଶ ଯୋଗଦେଇ ବୃକ୍ଷ ରୋପଣ କରିବା ସହିତ ସାମ୍ପ୍ରତିକ ସମୟରେ ବୃକ୍ଷରୋପଣ ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ନିତାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ବୃକ୍ଷ ରୋପଣ କରିବା ସହିତ କହିଥିଲେ ଯେ, ଭୁବନେଶ୍ୱରକୁ ସବୁଜ, ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ପାଇଁ ଅଧିକରୁ ଅଧିକ ଗଛ ଲଗାଇବା ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ ଯୋଗଦେଇ ବୃକ୍ଷ ରୋପଣ କରିବା ସହିତ କହିଲେଯେ, ମହାନଗର ନିଗମ ପକ୍ଷରୁ ସମସ୍ତ କର୍ପୋରେଟରମାନଙ୍କୁ ନେଇ ଆଗାମୀ ଦିନରେ ବ୍ୟାପକ ବୃକ୍ଷ ରୋପଣ କରାଯିବ ।
ପ୍ରେରଣାର ସଭାପତି ଡଃ ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରୋଟାରୀ ଗଭର୍ଣ୍ଣର ଶ୍ରୀ ଯଜ୍ଞାଶୀଷ ମହାପାତ୍ର ଯୋଗଦେଇ ବୃକ୍ଷ ରୋପଣ କରିବା ସହିତ ରୋଟାରୀ କ୍ଲବ ବୃକ୍ଷ ରୋପଣ ଉପରେ ଅଧିକ ଧ୍ୟାନ ଦେବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘର ସଭାପତି ଶ୍ରୀ ପ୍ରକାଶ ଶ୍ରୀଚନ୍ଦନ ଏଥିରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କହିଲେ ଯେ, ଓଡ଼ିଶାର ସମସ୍ତ ପାଇକ ବାହିନୀ ବୃକ୍ଷ ରୋପଣ ଭଳି ଏହି ମହତ କାର୍ଯ୍ୟରେ ଯୋଗଦାନ କରିବେ । ଏଥିରେ ଭୁବନେଶ୍ୱର ମହାନଗର ନିଗମର ଡ଼େପୁଟି ମେୟର ମଞ୍ଜୁଲତା କହଁର, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ଓ ସମାଜସେବୀ ସୁଶ୍ରୀ ତୃପ୍ତି ମିରାମ୍ବିକା ସାହୁ ଅତିଥି ରୂପେ ଯୋଗଦାନ କରିବା ସହିତ ବୃକ୍ଷ ରୋପଣ କରିଥିଲେ । ବୃକ୍ଷ ରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ତାଙ୍କୁ ସବୁଜ ରାଜକୁମାରୀ ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିସହିତ ମହାବିଦ୍ୟାଳୟର ଅଧ୍ୟକ୍ଷ। ଡ. ରୀନା ଘଡ଼ାଇ, ବିଶିଷ୍ଟ ସମାଜସେବୀ ସମରେନ୍ଦ୍ର ଜେନା, ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ମହାନଗର ନିଗମର ୩୮ ନମ୍ବର ଜୋନ୍‌ର କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, ସମାଜସେବୀ ବୈଜୟନ୍ତୀ ସାହୁ ପ୍ରମୁଖ ବୃକ୍ଷ ରୋପଣ କରିବା ସହିତ ଏହି ଅଭିଯାନକୁ ଆଗାମୀ ଦିନରେ ଆହୁରି କ୍ରିୟାଶୀଳ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମର ସମସ୍ତ କର୍ପୋରେଟରମାନେ ବୃକ୍ଷ ରୋପଣ କରିବା ସହିତ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ପୂର୍ବତନ କର୍ପୋରେଟର ଶ୍ରୀ ନବକିଶୋର ବେହେରା, ସମାଜସେବୀ ସୁଜିତ କୁମାର ଦାସ, ମିଳନ ପାଇକରାୟ, ଶିକ୍ଷାବିତ୍ ଜଲିଲ ଖାନ, ଯୁବ ସମାଜସେବୀ ମୀର ଅହମ୍ମଦ ଅଲ୍ଲୀ, ନିଲୁ ଖୁଂଟିଆ ପ୍ରମୁଖ ବହୁ ସ୍ୱେଚ୍ଛାସେବୀ ଯୋଗଦେଇ ବୃକ୍ଷ ରୋପଣ କରିବା ସହିତ ସେମାନଙ୍କୁ ବୃକ୍ଷ ରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବୈରାଗୀ ମଠଠାରୁ ରାମଗଡ ଗ୍ରାମ ମଧ୍ୟରେ ରାସ୍ତା ନିର୍ମାଣ ଦାବିନେଇ ଧାରଣା

ଜୟପୁର,୨୩/୦୬ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପାଲ୍ଲି ପଚାଂୟତର ବୈରାଗିମଠ ଠାରୁ ରାମଗଡ ଗ୍ରାମ ମଧ୍ୟରେ ରାସ୍ତା ନିର୍ମାଣ ଦାବିନେଇ ଧାରଣା ଦିଆଯାଇଛି । ଜୟପୁର ଉପ ଜିଲାପାଳଙ୍କ କାଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣା ଦିଆଯାଇଛି । ସମାଜସେବି ବି. ହରିରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବୈରାଗିମଠ ଠାରୁ ରାମଗଡ ଗ୍ରାମ ରାସ୍ତା ନିର୍ମାଣ ନେଇ ବାରମ୍ବାର ଜିଲାପାଳ ଓ ଉପ ଜିଲାପାଳଙ୍କୁ ଦାବୀ କରାଯାଇଛି । ହେଲେ ଦାବି ପୁରଣ ହୋଇନାହିଁ । ରାମଗଡ ଗ୍ରାମ ପାହାଡ ଉପରେ ଅବସ୍ଥିତ ।ସେହି ଗ୍ରାମରୁ ବୈରାଗିମଠ ଗ୍ରାମ ପ୍ରାୟ ୨ କି.ମି. ଦୂରତାରେ ଅବସ୍ଥିତ । ସେହି ଗ୍ରାମରୁ ରାସ୍ତା ନିର୍ମାଣ ହୋଇ ନଥିବାରୁ କାହାରି ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେଲେ କିମ୍ବା ଅତ୍ୟନ୍ତ ଜରୁରିକାଳିନ ପରିସ୍ଥିତି ଘଟିଲେ ଖଟରେ ବୁହା ହୋଇ ପାହାଡ ତଳକୁ ବୈରାଗିମଠ ଗ୍ରାମକୁ ଆସି ମେଡିକାଲ ଯିବାକୁ ପଡୁଛି । ଏଠାରେ ପାନୀୟ ଜଳର ଅଭାବ ମଧ୍ୟ ଅଛି । ଅତ୍ୟନ୍ତ ଜରୁରି କାଯ୍ୟ ପଡିଲେ ମଧ୍ୟ ଉକ୍ତ ଗ୍ରାମରୁ ସହରକୁ ଆସିବା କଷ୍ଟସାଧ ହୋଇଛି । କିନ୍ତୁ, ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି । ଏନେଇ ବୁଧବାର ରାମଗଡ ଗ୍ରାମରେ ୬୦ ପରିବାର ଲୋକ ଏବଂ ଅନ୍ୟ ପାଖ ଗ୍ରାମର ଗ୍ରାମବାସୀ ଉପ ଜିଲାପାଳଙ୍କ କାଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ଏହି ଧାରଣାରେ ଚନ୍ଦ୍ର ମୁଦୁଲି, ମଦନ ମୁଦୁଲି, ସୁଦନା ଧର ପରଜା ପ୍ରମୁଖ ପ୍ଲା କାର୍ଡଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ଉପ ଜିଲାପାଳ ବେଦବର ପ୍ରଧାନ ବିକ୍ଷୋଭକାରୀଙ୍କୁ ତୁରନ୍ତ ରାସ୍ତା ନିର୍ମାଣର ପ୍ରତିଶୃତି ଦେବାରୁ ସେମାନେ ଧାରଣାରୁ ଓହରିଥିଲେ ।

# ମାଇକ୍ରୋ ଫାଇନାନ୍ସ କମ୍ପାନୀମାନଙ୍କ ଅତ୍ୟାଚାର ପ୍ରତିବାଦରେ ଗରିବ ସେନାର ଧାରଣା ପ୍ରତିବାଦ

ବଲାଙ୍ଗୀର,୨୩/୦୬ (ନି.ପ୍ର): ରାଜ୍ୟ ସରକାର ରାଜ୍ୟରେ ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ମିଶନ ଶକ୍ତି ବିଭାଗ ଗଠନ କରିଛନ୍ତି । ଏପରିକି ଟିଟିଲାଗଡ଼ ସହର ତଥା ଗ୍ରାମାଂଚଳର ମହିଳାମାନଙ୍କୁ ସଂଗଠିତ କରି ବିଭିନ୍ନ ଏସ୍‌ଏଚ୍‌ଜି ଗୃପ ଗଠନ କରି ବିଭିନ୍ନ ମାଇକ୍ରୋ ଫାଇନାନ୍ସ କମ୍ପାନୀଗୁଡିକ ଏମାନଙ୍କୁ ସହଜରେ ଋଣ ମଧ୍ୟ ଯୋଗାଇ ଦେଉଛନ୍ତି । ତେବେ ଋଣ ଯୋଗାଇଦେବା ପରେ କମ୍ପାନୀ ମାନେ ମହିଳା ଗୋଷ୍ଠୀ ଉପରେ ଟଙ୍କା ଆଦାୟକୁ ନେଇ ଜୋରଜବରଦସ୍ତ କରିବା ସହ ଦୁର୍ବ୍ୟବହାର ମଧ୍ୟ କରୁଥିବା ନେଇ ବ୍ୟାପକ ଅଭିଯୋଗ ହୋଇଛି । ଏଭଳି ଘଟଣାଟି ଦେଖିବାକୁ ମିଳିଛି ଟିଟିଲାଗଡ ସହରରେ । ବିଭିନ୍ନ ମାଇକ୍ରୋ ଫାଇନାନ୍ସ କମ୍ପାନୀଗୁଡିକ ସହରର ବିଭିନ୍ନ ଏସ୍‌ଏଚ୍‌ଜି ଗୃପକୁ ଋଣ ଯୋଗାଇଦେବା ନାରେ ବିଭିନ୍ନ ପ୍ରକାର ଠକାମୀ କରୁଥିବା ଓ ଋଣ ନେଇଥିବା ମହିଳାମାନଙ୍କୁ ଟଙ୍କା ଆଦାୟ ସମୟରେ ଦୁର୍ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ଏହି ଘଟଣାକୁ ନେଇ ଆଜି ଟିଟିଲାଗଡ ଗରିବ ସେନାର ସଭାପତି ବୀରେନ୍ଦ୍ର ବାଗଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକତ୍ରିତ ହୋଇ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଉପଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ପ୍ରକାଶ ଯେ, ଏହି ସହରରେ ୯୦୦ରୁ ଅଧିକ ଏସ୍‌ଏଚ୍‌ଜି ଗୃପ ଥିବା ବେଳେ ୨ ବର୍ଷ ତଳେ ମାଇକ୍ରୋ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀ କୋଟି କୋଟି ଟଙ୍କା ଠକେଇ ଅଭିଯୋଗରେ ଜେଲ ଯାଇଥିଲେ । ତେବେ ଏହି କମ୍ପାନୀଗୁଡ଼ିକ ନିୟମ ଖିଲାପ କରିବା ସହ ଜଣେ ଜଣେଙ୍କୁ ୧୦ଟି ଲେଖାଏ ଲୋନ ଦେଇଥିବା ଓ ଟଙ୍କା ଅସୁଲି ସମୟରେ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ନେଇ ଅଭିଯୋଗ ହୋଇଛି ।

# ଶିକ୍ଷକଙ୍କ ବଦଳିକୁ ବାତିଲ ପାଇଁ ସ୍କୁଲ କମିଟି ଓ ଅବିଭାବକଙ୍କ ଦାବି

କେନ୍ଦ୍ରାପଡ଼ା,୨୩/୦୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଧୂମାତ ପଂଚାୟତରେ ଥିବା ରାଧା ଗୋବିନ୍ଦ ନୋଡାଲ ବିଦ୍ୟାପୀଠ ରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଏହି ବିଦ୍ୟାପୀଠ ରେ ମାତ୍ର ୧୨ଜଣ ଶିକ୍ଷକ ଅଛନ୍ତି । ଏଥିମଧ୍ୟରୁ ଜଣେ ଇଂରାଜୀ ଶିକ୍ଷକଙ୍କୁ ଡେପୁଟେଶନରେ ଅନ୍ୟତ୍ର ବଦଳି କରାଯାଇ ଥିବାରୁ ସ୍କୁଲ କମିଟି ସଦସ୍ୟ, ସରପଂଚ, ସମିତି ସଭ୍ୟ ଓ ଅବିଭାବକମାନେ ଏହାର ତୀବ୍ର ବିରୋଧ କରି ତାଙ୍କର ବଦଳିକୁ ବାତିଲ କରିବା ପାଇଁ ଦାବି କରିଛନ୍ତି । ବିଦ୍ୟାପୀଠରେ ଏକମାତ୍ର ଇଂରାଜୀ ଶିକ୍ଷକଙ୍କୁ ବଦଳି କରାଯାଇ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ବୁଧବାର ଧୂମାତ ସରପଂଚ ମଞ୍ଜୁଲତା ସେଠୀ, ଏମପିଏସ ଦେବକୀ ମଲିକ ସ୍କୁଲ କମିଟି ଅଧ୍ୟକ୍ଷ ତୁଷାରକାନ୍ତ ସ୍ୱାଇଁ, ସଦସ୍ୟ ରମେଶ ଚନ୍ଦ୍ର ନାୟକ, ସୁବାଷ ଚନ୍ଦ୍ର ସାହୁ, ପ୍ରମୋଦ କୁମାର ମଲିକ, ଝିଲି ଜେନା, ସଂଜୁଲତା ବେହେରା, କ୍ଷିରୋଦିନୀ ରାଉତ, ମଧୁସ୍ମିତା ନାୟକ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା ଓ ଜିଲ୍ଲା ଶିକ୍ଷା ଅଧିକାରୀ ସଂଜୀବ କୁମାର ସିଂହଙ୍କୁ ଭେଟି ବଦଳି ବାତିଲ କରିବା ପାଇଁ ଦାବି କରିଛନ୍ତି ।


# ଓଡ଼ିଶା ହାଇକୋର୍ଟରେ ପଡ଼ିଛି ଲକ୍ଷେ ୭୩ ହଜାର ୫୧୦ ମାମଲା

କଟକ,୨୩/୦୬ (ନି.ପ୍ର): ୨୦୨୧ ସୁଦ୍ଧା ଓଡ଼ିଶା ହାଇକୋର୍ଟରେ ପଡ଼ି ରହିଛି ୧ ଲକ୍ଷ ୭୩ ହଜାର ୫୧୦ ମାମଲା । ଏହା ପରେ ଦାଏର ହୋଇଛି ୧ ଲକ୍ଷ ୨୮ ହଜାର ୯୪୩ଟି ନୂଆ କେସ୍ । ତେବେ ତା' ଭିତରୁ ୧ ଲକ୍ଷ ୫ ହଜାର ୩୩୪ ମାମଲାର ଫଇସଲା ହୋଇଛି । ୨୦୨୧ ମସିହା ଶେଷ ସୁଦ୍ଧା ୧ ଲକ୍ଷ ୯୭ ହଜାର ୧୧୯ ମାମଲା ଏବେବି ପଡିରହିଛି । ରାଜ୍ୟ ନ୍ୟାୟପାଳିକାର ପ୍ରଦର୍ଶନ ନେଇ ଦେଶରେ ପ୍ରଥମ ଥର ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବାର୍ଷିକ ରିପୋର୍ଟ ପ୍ରକାଶ କରାଯାଇଛି । ବିଚାର ନହୋଇ ଦୀର୍ଘ ଦିନ ଧରି ମାମଲା ପଡ଼ିରହିବା ଓ ଜିଲ୍ଲା ଜଜଙ୍କୁ



ଠିକରେ ମାମଲା ବଣ୍ଟନ ନହେବା ଏବଂ କୋର୍ଟଙ୍କ ରହିତାଦେଶ ନିର୍ଦ୍ଦେଶ ଠିକରେ କାର୍ଯ୍ୟକାରୀ କରାନଯିବା ଭଳି ଚିନ୍ତାଜନକ ତଥ୍ୟ ରିପୋର୍ଟରେ ସାମ୍ନାକୁ ଆସିଛି । ୨୦୨୧ ମସିହାର ଏହି ରିପୋର୍ଟରେ କୁହାଯାଇଛି ଯେ, କୋର୍ଟରେ ମାମଲା ବଢିବା ଦ୍ୱାରା ନ୍ୟାୟପାଳିକା ଉପରେ ଲୋକଙ୍କ ଆସ୍ଥା ବଢୁଥିବା ସୂଚାଉଛି । ମାତ୍ର ବହୁ କେସ୍‌ରେ ବିଚାର ହୋଇନପାରିବା ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଏଥି ସହିତ ଓଡ଼ିଶା ଆଡମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ ଉଚ୍ଛେଦ ହେବା ପରେ ଏଠିକାର ପ୍ରାୟ ୪୦ ହଜାର ମାମଲା ହାଇକୋର୍ଟକୁ ସ୍ଥାନାନ୍ତର ହୋଇଛି ।

# ସ୍ଲିପ୍ ପାରାଲିସିସ୍



ରାତିରେ ବାରମ୍ଵାର ନିଦ ଭାଙ୍ଗିବା, ଡର ଲାଗିବା ଓ ଶରୀର କୌଣସି ଅଙ୍ଗ ଚାହିଁଲେ ବି ହେବାକୁ ସ୍ଲିପ୍ ପାରାଲିସ୍ କୁହାଯାଏ ।

ଅଧରାତିରେ ଅଚାନକ ନିଦ ଭାଙ୍ଗିଯିବା, ଆଖପାଖରେ କେହି ଥିବା ଅନୁଭବ ହେବା, ଏପାଖ ସେପାଖ ହେବାକୁ ଚେଷ୍ଟା କଲେ ବି କୌଣସି ଅଙ୍ଗ ସଚଳ ନହେବା, ଡର ଲାଗିବା, ଚିତ୍କାର କଲେ ବି ପାଟିରୁ ଶବ୍ଦ ନ ବାହାରିବା, କେହି ଯେମିତି ଜାବୁଡ଼ି ଧରିଥିବା ଭଳି ଅନୁଭବ କରିବା- ଏଭଳି ଅବସ୍ଥା ହିଁ ସ୍ଲିପ୍ ପାରାଲିସ୍ ।

ସ୍ଲିପ୍ ପାରାଲିସ୍ ନିଦ ଓ ଚେଇଁଥିବା ମଧ୍ୟର ଅବସ୍ଥା । ଏହି ସମୟରେ ଶରୀର ସମ୍ପୂର୍ଣ୍ଣ ଅଚଳ ବା ପାରାଲାଇଜଡ୍ ହେବା ଭଳି ଲାଗେ। ଏଇ ଅବସ୍ଥା କିଛି ସେକେଣ୍ଡରୁ କିଛି ମିନିଟ୍ ପର୍ଯ୍ୟନ୍ତ ରହିପାରେ ।

**ବୈଜ୍ଞାନିକ ବିଶ୍ଳେଷଣ-** ରାପିଡ୍ ଆଇ ମୁଭମେଣ୍ଟ୍ (ଆର୍‌ଇଏମ୍) ଓ ନନ୍-ରାପିଡ୍ ଆଇ ମୁଭମେଣ୍ଟ୍ ସ୍ଲିପ୍ ହେଉଛି ଦୁଇ ପ୍ରକାର ସ୍ଲିପ୍ ସାଇକଲ୍ । ପ୍ରଥମ ଭାଗ ନନ୍-ରାପିଡ୍ ଆଇ ମୁଭେମେଣ୍ଟ୍‌ରେ ଧୀରେ ଧୀରେ ନିଦର ତିନି ଷ୍ଟେଜ୍ ଦେଇ ଗତି କରିବାକୁ ହୁଏ । ଏହି ଷ୍ଟେଜ୍‌ରେ ନିଶ୍ୱାସ ପ୍ରଶ୍ୱାସ ଗୋଟେ ଲୟରେ ଯାଉଥିବାରୁ ବ୍ୟକ୍ତି ନିଦ୍ରା ଅବସ୍ଥାକୁ ଯାଏ ।

ଏହା ପରେ ରାପିଡ୍ ଆଇ ମୁଭ୍‌ମେଣ୍ଟ୍ ସ୍ଲିପ୍ ଆସେ । ଯେତେବେଳେ ଜଣେ ସ୍ୱପ୍ନ ଦେଖେ ସେହି ସମୟରେ ଗ୍ଲାଇସିନ୍ ନାମକ ଏକ ନ୍ୟୁରୋଟ୍ରାନ୍ସମିଟର ଶରୀରକୁ ପାରାଲିସ୍ ଭଳି ଅସ୍ଥାୟୀ ଷ୍ଟେଜ୍‌ରେ ପରିଣତ କରିବାରେ ସାହାଯ୍ୟ କରେ। ଏହି ସ୍ଲିପ୍ କଣ୍ଡିସନ୍‌ରେ ଶରୀର ଅନିଚ୍ଛା ମାଂସପେଶୀକୁ ମୁଭ୍ କରିପାରେ । ଏହି କାରଣରୁ ଜଣେ କେବଳ ସ୍ୱପ୍ନ ଦେଖି ଥାଏ, ଯାହା ସ୍ୱପ୍ନରେ ଦେଖେ ସେହି ଅନୁଯାୟୀ ସେ କିଛି କରିପାରେ ନାହିଁ । ଆର୍‌ଇଏମ୍ ଅବସ୍ଥାରେ କୌଣସି ପ୍ରକାରର ମସଲ୍ ଆକ୍ଟିଭିଟି ହୋଇ ନ ଥାଏ । କାରଣ ଆମ ମସ୍ତିଷ୍କ ସେହି ସମୟରେ ସ୍ଥିର ନ ଥାଏ । ଯଦି ଅଚାନକ ଆର୍‌ଇଏମ୍ ଅବସ୍ଥାରୁ ନିଦ ଭାଙ୍ଗେ ଗ୍ଲାଇସିନ୍ ସାହାଯ୍ୟରେ ହେଉଥିବା ପାରାଲିସସ୍ ପ୍ରଭାବ ଜାରି ରହିପାରେ । ସଚେତନ ଅବସ୍ଥାରେ ଥିଲେ ବି କିଛି ସେକେଣ୍ଡ୍ ଓ ମିନିଟ୍ ପଯ୍ୟନ୍ତ ଶରୀରର କୌଣସି ଅଙ୍ଗ ଚଳପ୍ରଚଳ ହୋଇପାରେ ନାହିଁ । ସ୍ଲିପ୍ ପାରାଲିସ୍ ଅନୁଭବ ଭୟଙ୍କର ଓ ଦ୍ୱନ୍ଦ୍ୱମୟ। ଖରାପ ସ୍ୱପ୍ନ ଦେଖୁଥିବା ସମୟରେ ଏହା ଘଟିଥାଏ ।

**ମୂଳ କାରଣ:** ଏହାର ମୂଳ କାରଣ ଖରାପ ନିଦ ସହିତ ସଂଶ୍ଳିଷ୍ଟ । ଅନିୟମିତ ନିଦ୍ରା କାରଣରୁ ଅନେକଙ୍କ ଠାରେ ସ୍ଲିପ୍ ପାରାଲିସ୍ ଦେଖାଯାଏ। ଯନ୍ତ୍ରଣା, ନିଶା ସେବନ, ବାରମ୍ବାର ବାଥ୍‌ରୁମ୍ ଯିବା, ଖରାପ ସ୍ୱପ୍ନ ଦେଖିବା ପାଇଁ ବି ଏହା ହୋଇପାରେ । ଏହା ଦ୍ୱାରା ନିଦ ବାରମ୍ବାର ପ୍ରଭାବିତ ହୁଏ । ଅଧିକ ଅବସାଦରେ ରହିବା କାରଣରୁ ବି ଏହା ଦେଖା ଦିଏ । ପୋଷ୍ଟ୍ ଟ୍ରମାଟିକ୍ ଷ୍ଟ୍ରେସ୍ ଡିଜଅର୍ଡର (ପିଟିଏସ୍‌ଡି)ରେ ପୀଡିତ ଲୋକଙ୍କ ଠାରେ ସ୍ଲିପ୍ ପାରାଲିସ୍ ଆଶଙ୍କା ଅଧିକ । ପ୍ରତି ଦଶଜଣ ମଧ୍ୟରୁ ଚାରି ଜଣଙ୍କଠାରେ ସ୍ଲିପ୍ ପାରାଲିସ୍ ଦେଖା ଦେଇପାରେ । ଏହି ଅବସ୍ଥା ସର୍ବପ୍ରଥମେ କିଶୋରାବସ୍ଥାରେ ଅନୁଭବ ହୁଏ । କିନ୍ତୁ ଏହା ଯେକୌଣସି ସମୟରେ ଯେକୌଣସି ବୟସ ବ୍ୟକ୍ତିଙ୍କୁ ଦେଖା ଦେଇପାରେ।

**ଲକ୍ଷଣ**

- ନିଦ୍ରାଭାବ
- ଶୋଇବାରେ ଅନିୟମିତା
- ମାନସିକ ଅବସ୍ଥା
- ନିଶା ସେବନ ପ୍ରତିକାର
- କେଉଁ କାରଣ ପାଇଁ ବାରମ୍ବାର ନିଦରୁ ଉଠୁଛନ୍ତି ସେ ବାବଦରେ ଜାଣିବା ଜରୁରୀ ।
- କାହାକୁ ଶକ୍ତ ଆଘାତ ଲାଗିଥିଲେ ସାଇକୋଥେରାପିର ସାହାଯ୍ୟ ନେବା ।
- ଶୋଇବା ଓ ଉଠିବାର ନିୟମିତ ଟାଇମ୍‌ଟେବୁଲ୍ ପ୍ରସ୍ତୁତ କରିବା ।
- ୭-୮ ଘଣ୍ଟା ଶୋଇବା । ବେଳେବେଳେ କିଛି ଲୋକଙ୍କୁ ନଅ ଘଣ୍ଟା ନିଦ ବି ଆବଶ୍ୟକ ।
- ଯଦି ସ୍ଲିପ୍ ପାରାଲିସିସ୍ ପାଇଁ ଚିନ୍ତାରେ ରହୁଛନ୍ତି କିମ୍ବା ବାରମ୍ବାର ରାତିରେ ନିଦ ଭାଙ୍ଗୁଛି ତା'ହେଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ଦରକାର ।

# ସୁଖସମୃଦ୍ଧି ପାଇଁ ଗୃହରେ ରଖନ୍ତୁ ଏହି ବିଶେଷ ଦ୍ରବ୍ୟ

ଆମ ପରମ୍ପରା ଅନୁସାରେ କେତୋଟି ଦିଗ ପ୍ରତି ଧ୍ୟାନ ଦେଲେ ଗୃହରେ ସୁଖ,ଶାନ୍ତି, ସମୃଦ୍ଧି ଓ ସମସ୍ତ ଉନ୍ନତି ହୋଇଥାଏ । ବର୍ତ୍ତମାନ ସମୟରେ ମଧ ସଂଖ୍ୟାଧିକ ଲୋକ ଏସବୁ ନିୟମକୁ ପାଳନ କରୁଛନ୍ତ । ଗୃହକୁ ପବିତ୍ର, ସୁଖ, ଶାନ୍ତି, ସମୃଦ୍ଧିରେ ପରିପୂର୍ଣ୍ଣ କରିବା ପାଇଁ କେଉଁ ବିଶେଷ ଦ୍ରବ୍ୟ ରଖିବା ଆବଶ୍ୟକ।

**ବିଘ୍ନହର୍ତ୍ତା ପ୍ରଭୁ ଗଣେଶଙ୍କ ମୂର୍ତ୍ତି:**
ପ୍ରଭୁ ଗଣେଶଙ୍କ ମୂର୍ତ୍ତିକୁ ଘରେ ନିଶ୍ଚୟ ରଖନ୍ତୁ । ଗଣେଶଙ୍କୁ ବିଘ୍ନହର୍ତ୍ତା ବୋଲି କୁହାଯାଏ । ତେଣୁ ଯେକୌଣସି ସଙ୍କଟ ସମୟରେ ପ୍ରଭୁଙ୍କୁ ସ୍ମରଣ କରିବା ଦ୍ୱାରା ଦୂର ହୋଇଥାଏ ।

**ଗଙ୍ଗ ଜଳ:**
ହିନ୍ଦୁ ଧର୍ମରେ ଗଙ୍ଗା ଜଳର ଖୁବ୍ ମହତ୍ତ୍ୱ ରହିଛି । ପ୍ରତ୍ୟେକ କାର୍ଯ୍ୟରେ ଏହାକୁ ବ୍ୟବହାର କରିବା ଦ୍ୱାରା ଘରେ ସୁଖ-ସମୃଦ୍ଧି ଆସିଥାଏ ।

**ଶଙ୍ଖ:**
ପୂଜା ଘରେ ଶଙ୍ଖ ରଖିବା ଦ୍ୱାରା ଓ ଏହାକୁ ନିୟମିତ ବଜାଇବା ଦ୍ୱାରା ଘରୁ ନକାରାତ୍ମକ ଶକ୍ତି ଦୂର ହୋଇଥାଏ । ଘରେ ମା'ଲକ୍ଷ୍ମୀଙ୍କ ବାସ ହୋଇଥାଏ କାରଣ ଶଙ୍ଖ ପ୍ରଭୁ ବିଷ୍ଣୁଙ୍କ ଖୁବ୍ ପ୍ରିୟ ଅଟେ ।



**ଗାଇ ଘିଅ:**
ହିନ୍ଦୁ ଧର୍ମରେ ଗାଇଙ୍କୁ ମା'ଭାବେ ସମ୍ବୋଧନ କରିବା ସହ ପୂଜାର୍ଚ୍ଚନା କରାଯାଏ । ଗାଈର ଘିଅରେ ଦୀପ ଜଳାଇବା, ଯଜ୍ଞ ଆଦି କାର୍ଯ୍ୟରେ ବ୍ୟବହାର କରିବା ଦ୍ୱାରା ଘରେ ସକାରାତ୍ମକ ଶକ୍ତି ରହିଥାଏ । ଖାଦ୍ୟ ପ୍ରସ୍ତୁତିରେ ମଧ ଏହାକୁ ବ୍ୟବହାର କରାଯାଏ ।

**ମହୁ:**
ଘିଅ ଭଳି ମହୁକୁ ମଧ ପବିତ୍ର କୁହାଯାଏ । ମହୁରେ ବାୟୁ ସମସ୍ୟା ଦୂର କରିବାର କ୍ଷମତା ଥାଏ । ପୂଜାରେ ମଧ ମହୁର ବ୍ୟବହାର କରାଯାଏ ।

**ଆମ୍ବ ପତ୍ର:**
ଗୃହରେ ନିକଟରେ ଏକ ଆମ୍ବ ଗଛ ନିଶ୍ଚୟ ଲଗାନ୍ତୁ । ପୂଜାର୍ଚ୍ଚନା କରିବା ସମୟରେ ଆମ୍ବର ପତ୍ରକୁ ବ୍ୟବହାର କରାଯାଏ । ବିବାହ, ପୂଜା, ଯଜ୍ଞ ଆଦିରେ ଏହି ପତ୍ରର ବିଶେଷ ମହତ୍ତ୍ୱ ରହିଛି ।








# ସ୍ୱାସ୍ଥ୍ୟପ୍ରଦ ମାଟିହାଣ୍ଡି ଖାଦ୍ୟ



ନିକଟରେ ବିଶ୍ୱସ୍ତରୀୟ ଖାଦ୍ୟ ସର୍ବେକ୍ଷଣ ହୋଇଥିଲା । ୨୦୧୬ ଶେଷ ଭାଗରେ ହୋଇଥିବା ଏହି କାର୍ଯ୍ୟରେ ମାଟି ହାଣ୍ଡି ପ୍ରସ୍ତୁତ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ସର୍ବୋତ୍ତମ ତଥ୍ୟ ପ୍ରକାଶିତ । କେବଳ ଭାରତ ଓ ଜାପାନର କାଁଭାଁ କେତୋଟି ଅଞ୍ଚଳରେ ହିଁ ଆଜିର ସମୟରେ ମାଟି ହାଣ୍ଡିରେ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଛି । ଆଧୁନିକ ବିଜ୍ଞାନ ମଧ ସ୍ୱୀକାର କରିଛି ଯେ ପ୍ରକୃତରେ ମାଟି ହାଣ୍ଡି ପ୍ରସ୍ତୁତ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ହିତକାରୀ । ମାଟି ହାଣ୍ଡରେ ଖାଦ୍ୟ ଯଦିଓ ସାମାନ୍ୟ ବିଳମ୍ବରେ ରାନ୍ଧିହୁଏ, ହେଲେ ସ୍ୱାସ୍ଥ୍ୟ ଉପରେ ମାଟି ବାସନ ବ୍ୟବହାର କରି ରାନ୍ଧିଲେ, ଶରୀରକୁ ୧୮ ପ୍ରକାରର ପୋଷତତ୍ତ୍ୱ ମିଳିଥାଏ । ଏଥିରୁ ପ୍ରସ୍ତୁତ ବ୍ୟଞ୍ଜନ ସୁଆଦିଆ ହେବାସହ ଖାଦ୍ୟ ଶୀଘ୍ର ଖରାପ ହୁଏନାହିଁ ।



# ଏକ ଗୋଡ଼ରେ ୧୦ ସେକେଣ୍ଡ ଠିଆ ନ ହୋଇ ପାରିଲେ ମୃତ୍ୟୁ ଆଶଙ୍କା ଅଧିକ !



ମଧ ବୟସ୍କଙ୍କ ପାଇଁ ସତର୍କ ଘଣ୍ଟି ।୧୦ ସେକେଣ୍ଡର ଫିଜିକାଲ ଟେଷ୍ଟରେ ଫେଲ ମାରିଲେ ମୃତ୍ୟୁ ଆଶଙ୍କା ଅଧିକ। ଗୋଟିଏ ଗୋଡ଼ରେ ଠିଆ ନ ହୋଇ ପାରିଲେ, ମରିବାର ବିପଦ ଅଧିକ । ମାତ୍ର ୧୦ ସେକେଣ୍ଡ ପାଇଁ ଏକ ନିର୍ଦ୍ଦିଷ୍ଟ ମୁଦ୍ରାରେ ଗୋଟିଏ ଗୋଡ଼ରେ ଭାରସାମ୍ୟ ରଖି ନଥିପାରୁନଥିବା ବ୍ୟକ୍ତି ଆଗାମୀ ୧୦ ବର୍ଷ ମଧରେ ମୃତ୍ୟୁ ବରଣ କରିବାର ବିପଦ ରହିଛି । ବ୍ରିଟିଶର ଏକ ସ୍ପୋର୍ଟ ମେଡିସିନ୍ ଜର୍ନାଲରେ ଏମିତି ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି ।

ଗବେଷଣାରୁ ଜଣା ପଡିଛି,ମାତ୍ର ୧୦ ସେକେଣ୍ଡ ପାଇଁ ଗୋଟିଏ ଗୋଡ଼ରେ ଠିଆ ହୋଇ ପାରୁ ନଥିବା ମଧବୟସ୍କଙ୍କ ଭିତରୁ ପ୍ରାୟ ୮୪ ପ୍ରତିଶତ ଆଗାମୀ ୧୦ ବର୍ଷ ମଧରେ ମୃତ୍ୟୁ ବରଣ କରିବାର ଆଶଙ୍କା ରହିଛି । ବିନା କୌଣସି ସହଯୋଗରେ ଗୋଟିଏ ଗୋଡ଼ରେ ଠିଆ ହୋଇ ପାରୁନଥିବା ବ୍ୟକ୍ତି ଅସୁସ୍ଥ ବୋଲି ଜାଣି ରଖିବା ଦରକାର । ୨୦୦୯ରେ ବ୍ରାଜିଲର ୧୭୦୨ ଜଣ ୫୦ ବର୍ଷ ବୟସ୍କଙ୍କ ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ନେଇ ଏକ ସର୍ଭେ କରାଯାଇଥିଲା । ଗୋଟିଏ ଗୋଡ଼ରେ ଏକ ନିର୍ଦ୍ଦିଷ୍ଟ ମୁଦ୍ରାରେ ୧୦ ସେକେଣ୍ଡ ପାଇଁ ଠିଆ ହୋଇ ପାରୁନଥିବା ବ୍ୟକ୍ତିର ଭବିଷ୍ୟତ ୧୦ ବର୍ଷ ପରେ କଣ ହେବ ଏ ନେଇ ଚାଲିଥିଲା ଗବେଷଣା । ଆଉ ସେହି ଗବେଷଣା ଆଧାରରେ ଜଣା ପଡିଛି ଯେ, ମଧବୟସ୍କଙ୍କ ଜୀବନ କେତେ ବିପଦରେ । ଯଦି କେହି ଏହାକୁ ପରୀକ୍ଷା କରିବାକୁ ଚାହୁଁଥିବ, ତାହାଲେ ଭୂମିରେ ଗୋଟିଏ ପାଦ ରଖି, ଅନ୍ୟପାଦଟି ଗୋଟିଏ ହାତରେ ପଛପଟୁ ଉପରକୁ ଉଠାଇବାକୁ ପଡିବ । ଏବଂ ଅନ୍ୟହାତଟି ସମ୍ମୁଖକୁ ରଖି ବଢାଇବାକୁ ପଡିବ । ଏହା ଏକ ପ୍ରକାର ଭାରତୀୟଙ୍କ ଯୋଗାସନର ମୁଦ୍ରା । ଏହିମୁଦ୍ରାକୁ ନେଇ ଗବେଷଣା କରାଯାଇଥିଲା ।ଏଥିପାଇଁ ପ୍ରତି ବ୍ୟକ୍ତିଙ୍କୁ ୩ ଥର ସୁଯୋଗ ଦିଆଯାଇଥିଲା । ତେବେ ପ୍ରତି ୫ ଜଣରୁ ଜଣେ ହିଁ ଗୋଟିଏ ଗୋଡ଼ରେ ଭାରସାମ୍ୟ ରଖି ଠିଆ ହେବାକୁ ସକ୍ଷମ ହୋଇ ପାରିଥିଲା ।

କେବଳ ବ୍ରାଜିଲ ନୁହେଁ,ଫିନଲାଣ୍ଡସ ଅଷ୍ଟ୍ରେଲିଆ,ଯୁକ୍ତରାଷ୍ଟ୍ର ଆମେରିକାରେ ମଧ ଏହି ସର୍ଭେ କରାଯାଇଛି ।

# ଆଙ୍କଲେଟ୍ ଫ୍ୟାସନ

ଆଜିକାଲି ମହିଳାମାନେ ସିଲ୍‌ଭର ପାଉଁଜି ବଦଳରେ ଆର୍ଟିଫିସିଆଲ ଏବଂ ଷ୍ଟାଇଲିଶ୍ ଆଙ୍କଲେଟ୍ ପିନ୍ଧିବାକୁ ପସନ୍ଦ କରୁଛନ୍ତି । ମଡର୍ଣ୍ଣ ହେଉ ଅବା ଟ୍ରାଡିସନାଲ ଡ୍ରେସ୍ ଯେକୌଣସି ଗେଟ୍‌ଅପ୍‌ରେ ଏହା ବେଶ୍ ମାନିଥାଏ । କ୍ୟାପ୍ରି, ସ୍କର୍ଟ, ଜିନ୍ସ ଆଦି ସହ ବି ଆପଣ ଏହାକୁ ପିନ୍ଧିପାରିବେ ।



**ଆଙ୍କଲେଟ୍ ଭେରାଇଟି :**
ଷ୍ଟାଇଲିଶ୍ ଆଙ୍କଲେଟ୍ ସମସ୍ତ ଗେଟ୍‌ଅପ୍‌ରେ ମ୍ୟାଚ୍ କରିଥାଏ । ମାର୍କେଟରେ ଲାଟେଷ୍ଟ୍ ଭେରାଇଟିର ଆଙ୍କଲେଟ୍ ମିଳୁଛି । କଉଡିରେ ତିଆରି ହୋଇଥିବା ଆଙ୍କଲେଟ୍, ଫ୍ଲୋରାଲ ଡିଜାଇନ, କଲରଫୁଲ୍ ବିଡ୍‌ସରେ ସଜାଯାଇଥିବା ଆଙ୍କଲେଟ୍ , ମେଟାଲ, ସିଲ୍‌ଭର ଚେନ୍ ଆଙ୍କଲେଟ୍, ଛୋଟ ଛୋଟ କ୍ରିଷ୍ଟାଲ ଲାଗିଥିବା ଆଙ୍କଲେଟ୍, ଡ୍ରେସ୍ ସହ ମ୍ୟାଚ୍ କରୁଥିବା ଆଙ୍କଲେଟ୍, ହ୍ୱାଇଟ୍ ପର୍ଲରେ ପ୍ରସ୍ତୁତ ଆଙ୍କଲେଟ୍ ଆପଣଙ୍କ ପାଦକୁ ଖୁବ୍ ମାନିବ ।

**ଆଙ୍କଲେଟ୍ ପିନ୍ଧିବା ପୂର୍ବରୁ:**
ଆଙ୍କଲେଟ୍ ପିନ୍ଧିବା ପୂର୍ବରୁ ପ୍ରଥମେ ପେଡିକିଓର କରନ୍ତୁ । ଏହାଦ୍ୱାରା ଆପଣଙ୍କ ପାଦ କୋମଳ ଏବଂ ପରିଷ୍କାର ରହିବ ।

ଗରମପାଣିରେ ହାଇଡ୍ରୋଜେନ୍ ପାରକ୍ସାଇଡ୍ କିମ୍ବା ଲେମ୍ବୁରସ, ଗୋଲାପ ପାଖୁଡା ପକାନ୍ତୁ । ଏକ ବ୍ରସ୍ ସାହାଯ୍ୟରେ ପାଦକୁ ପରିଷ୍କାରକରି ନେଲ୍ ଫାଇଲ୍ କରିବା ପରେ ବୋଲ୍ଡ କଲର ବା ଡ୍ରେସ୍‌କୁ ମ୍ୟାଚିଂକରି ନେଲ୍ ପେଣ୍ଟ୍ କରନ୍ତୁ । ନେଲ୍ ଆର୍ଟବି କରିପାରିବେ ।

ଆପଣ ଚାହିଁଲେ ଘରେ ଆଙ୍କଲେଟ୍ ଖୁବ୍ ସହଜରେ ତିଆରି କରିପାରିବେ । ଦରକାରରେ ଆସୁ ନଥିବା ଷ୍ଟୋନ୍, ପର୍ଲ୍, ଚେନ୍, ଇୟର ରିଙ୍ଗସ ଯାହାର ଗୋଟିଏ ପେୟାର ନ ଥିବା ତାକୁ ଉପଯୋଗ କରିପାରିବେ । ଏଥିରେ କ୍ରିଷ୍ଟାଲ, ଷ୍ଟାର ଚେନ୍‌ର ବି ବ୍ୟବହାର କରିପାରିବେ । ଏହା ଆପଣଙ୍କ ଉପରେ ନିର୍ଭର କରେ ଆପଣ କିପରି ଲୁକ୍‌ଦେବାକୁ ଚାହୁଁଛନ୍ତି ।

# ମଣିଷ ମୁହଁ ପରି ମାଛ



ବେଳେବେଳେ ଆମେ ଏପରି ଜୀବଙ୍କ ସଂସ୍ପର୍ଶରେ ଆସୁ ଯାହାକୁ ଦେଖିଲେ ମଧ ନିଜ ଆଖିକୁ ବିଶ୍ୱାସ କରିହୁଏ ନାହିଁ। ଏପରି କିଛି ଦେଖିବାକୁ ମିଳିଛି ଚୀନ୍‌ର ଏକ ଗ୍ରାମରେ । ସେଠାରେ ଏକ ହ୍ରଦରେ ମଣିଷ ଚେହେରା ପରି ଦେଖାଯାଥିବା ଏକ ମାଛ ଦେଖିବାକୁ ମିଳିଛି । ଏହାକୁ ଯିଏ ବି ଦେଖୁଛି ସେ ଆଶ୍ଚର୍ଯ୍ୟ ନହୋଇ ରହିପାରିନାହିଁ । ଏହି ଅଜବ ମାଛର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏକ ସୂଚନା ଅନୁସାରେ ମଣିଷ ଚେହେରା ପରି ଦେଖାଯାଉଥିବା ଏହି ମାଛର ଭିଡିଓ ଜଣେ ମହିଳା ରେକର୍ଡ କରିଥିଲେ । ଏହାକୁ ମିୟାଓ ଗ୍ରାମର ଏକ ହ୍ରଦରେ ଦେଖିବାକୁ ମିଳିଥିଲା । ଭିଡିଓରେ ମାଛଟି ପହଁରି ହ୍ରଦର କୂଳକୁ ଆସୁଛି ଓ କିଛି ଖାଇବାକୁ ଚେଷ୍ଟା କରୁଛି । ଟ୍ୱିଟରରେ ସେୟାର କରାଯାଇଥିବା ଏହି ୧୪ ସେକେଣ୍ଡର ଭିଡିଓକୁ ଏ ପର୍ଯ୍ୟନ୍ତ ସାଢ଼େ ପାଞ୍ଚ ଲକ୍ଷ ଅଧିକ ଲୋକ ଦେଖିସାରିଲେଣି ଓ ଏହାକୁ ୧୭ ହଜାର ଲୋକ ଲାଇକ୍ କରିଛନ୍ତି । ଲୋକମାନେ ଏହି ଭିଡିଓଟିକୁ ରିଟ୍ୱିଟ୍ ମଧ କରିଛନ୍ତି । କିଛି ଲୋକ ଏହି ମାଛଟିକୁ ଭୟଙ୍କର ମାଛ ବୋଲି କହିଛନ୍ତି । ତେବେ କିଛି ଲୋକ ଏହି ଭିଡିଓଟିକୁ ଏଡିଟେଡ୍ ଭିଡିଓ ବୋଲି ମତ ଦେଇଛନ୍ତି ।

# ମସଲା ରାଣୀର ବଡ଼ ଫାଇଦା



ଆଜିର ସମୟରେ ଉଚ୍ଚରକ୍ତ ଚାପ ଏକ ବଡ଼ ସମସ୍ୟା ଭାବେ ଦେଖାଦେଇଛି । ଯଦି ଆପଣ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଦୈନିକ ଦୁଇଟି କଞ୍ଚା ଗୁଜୁରାତି ଖାଇବା ଆପଣଙ୍କ ପାଇଁ ଜରୁରୀ । ଭାରତରେ ମସଲାର ରାଣୀ କୁହାଯାଉଥିବା ଗୁଜୁରାତି ଏପରି ଅନେକ ଫାଇଦା ରହିଛି ଯାହା ସମ୍ପର୍କରେ ଆମେ ସାଧାରଣତଃ ଅବଗତ ନୋହୁଁ । ଗବେଷଣାରୁ ଜଣାପଡିଛି ଯେ, ଗୁଜୁରାତିରେ ମୁତ୍ରବର୍ଦ୍ଧକ ତତ୍ୱ ରହିଛି । ଏହା ଶରୀରର ହୃଦୟ କିମ୍ବା ଅନ୍ୟ ଅଙ୍ଗରେ ଜମୁଥିବା ଜଳ ଏବଂ ଲୁଣର ଅତ୍ୟଧିକ ମାତ୍ରାକୁ ମୁତ୍ର ମାଧ୍ୟମରେ ଶରୀରରୁ ବାହାରକୁ କାଢ଼ିଥାଏ । ଗବେଷକମାନେ ଉକ୍ତ ରକ୍ତଚାପର ଶିକାର ହୋଇଥିବା ରୋଗୀଙ୍କ ଉପରେ ଗବେଷଣା କରିଥିଲେ । ତିନିମାସ ପର୍ଯ୍ୟନ୍ତ ସେମାନଙ୍କୁ ଦୈନକ ତିନି ତିନି ଗ୍ରାମର ଗୁଜୁରାତି ପାଉଡର ଦିଆଯାଇଥିଲା । ପରେ ଯାଞ୍ଚରୁ ଜଣାପଡିଥିଲା ଯେ, ସେମାନଙ୍କ ଶରୀରରେ ଉଚ୍ଚରକ୍ତ ଚାପ ସ୍ତରରେ ବଡ ହ୍ରାସ ଘଟିଛି ।

**ଫାଇଦା :**

୧. ରାତିରେ ଗରମ ପାଣିରେ ଗୁଜୁରାତିକୁ ଚୋବେଇ ଖାଇଲେ କାଶରୁ ଆଶ୍ୱସ୍ତି ମିଳିଥାଏ, ମୁହଁ ଦୁର୍ଗନ୍ଧ ଦୂର ହୋଇଥାଏ ।

୨. ଗୁଜୁରାତି ଗରମ ପାଣିରେ ଫୁଟାଇ ସେଇ ପାଣିକୁ ପାଚନ କ୍ରିୟା ଠିକ୍ ରହିଥାଏ ଏବଂ ଓଜନ ହ୍ରାସ ଘଟିଥାଏ । ଏହାଦ୍ୱାରା ଚେହେରାର ସୌନ୍ଦର୍ଯ୍ୟ ବଢ଼ିଥାଏ ।

୩. କୋଲଷ୍ଟ୍ରଲ ହ୍ରାସରେ ମଧ ବଡ ସହଯୋଗ କରିଥାଏ ଗୁଜୁରାତି । ତେବେ ଅତ୍ୟଧିକ ଗୁଜୁରାତି ଶରୀରକୁ ପ୍ରଭାବିତ କରିଥାଏ । ଏହାଦ୍ୱାରା ପିତକୋଷରେ ପଥର ହୋଇଥାଏ ।


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅନିଶ୍ଚିତତାରେ ଆଘାଡି ମେଣ୍ଟ...

ମହାରାଷ୍ଟ୍ରରେ କ୍ଷମତାସୀନ ବିକାଶ ଆଘାଡ଼ିରେ ଆରମ୍ଭ ହୋଇଯାଇଛି ଆଖଡ଼ା। ଶିବସେନାର ୩୭ ଜଣ ବିଧାୟକଙ୍କର ସୁରତ ହୋଟେଲ ରହଣି ଏବଂ ପରେ ଗୁଆହାଟି ଯାତ୍ରା ମେଣ୍ଟ ଶାସନକୁ ଦୋହଲାଇ ଦେଇଛି । ତିନିଦଳିଆ ମେଣ୍ଟର ଅନ୍ୟ ଦୁଇ ଅଂଶୀଦାର ଦଳ ଏସିପି ଓ କଂଗ୍ରେସ ପକ୍ଷରୁ ସେମିତି ସମସ୍ୟା ସୃଷ୍ଟି ହୋଇନାହିଁ । ବିଜେପି ସହିତ ବହୁ ବର୍ଷ ରହି କ୍ଷମତା ଭୋଗ କରୁଥିବା ଶିବସେନାର ଏହି ବିଧାୟକ ମାନେ ବିଦ୍ରୋହୀ ଏକନାଥ ସିନ୍ଧେଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଥାକ୍‌ରେଙ୍କୁ ନେତା ଭାବରେ ମାନିବାକୁ ପ୍ରସ୍ତୁତ ନୁହନ୍ତି । ମେଣ୍ଟ ରହିବାର ମାତ୍ର ଅଢେଇବର୍ଷ ଯାଇନାହିଁ, ଶିବସେନା ଭିତରେ ଆରମ୍ଭ ହେଲାଣି ଖୁମ୍ପାଖୁ। ଏଥିରେ ବିଜେପିର ପୂର୍ବ ମୁଖ୍ୟମନ୍ତ୍ରୀ ଫଡନବିଶଙ୍କର ଭୂମିକା ଅବଶ୍ୟ ରହିଛି । ତେଣେ ବିରୋଧୀ ପକ୍ଷରୁ ପ୍ରାର୍ଥୀ ଚୟନ ସକାଶେ ବୈଠକରେ ବ୍ୟସ୍ତ ଥିବା ଶରଦ ପାୱାରଙ୍କ ପାଇଁ ନିଜ ରାଜ୍ୟରେ ଏଭିଏରେ ଅସନ୍ତୁଳିତ ସ୍ଥିତି ତାଙ୍କୁ ଅଡୁଆରେ ପକାଇଛି । ସେ ହେଉଛନ୍ତି ଅଣ-ବିଜେପି ମେଣ୍ଟର ମୁଖ୍ୟ ସୂତ୍ରଧର । ତାଙ୍କ ଅନୁପସ୍ଥିତି ମହାରାଷ୍ଟ୍ର ରାଜନୀତିରେ ଶିବସେନା ବିଧାୟକମାନଙ୍କୁ ମିରିଗ ନାଟ ପାଇଁ ସୁଯୋଗ ଆଣିଦେଲା । ରାଜ୍ୟ ରାଜନୀତିରେ ଗୁମୁରି ଉଠିଥିବା ଅସନ୍ତୋଷ କିମ୍ବା ବିସ୍ଫୋରଣର କାରଣ ଯାହା ହେଉ ନା' କାହିଁକି, ଏକନାଥ ସିନ୍ଧି ଏବଂ ଅନ୍ୟ ଶିବସେନା ବିଧାୟକଙ୍କୁ ମନାଇବାରେ ସେନା ନେତୃତ୍ୱ ଏକପ୍ରକାର ବିଫଳ ପ୍ରମାଣିତ ହୋଇଛନ୍ତି । ରାଷ୍ଟ୍ରୀୟ କଂଗ୍ରେସ ପାର୍ଟିର ନେତା ଶରଦ ପାୱାରଙ୍କୁ ରାଜ୍ୟ ରାଜନୀତିର ଚାଣକ୍ୟ ଭାବେ ସମସ୍ତେ ମାନନ୍ତି । ସେ ନିଜ ଦଳ ସହିତ କଂଗ୍ରେସ ଦଳର ବିଧାୟକ ମାନଙ୍କୁ ଏକାଠି ରଖୁଛନ୍ତି । ଗୁଆହାଟି ବିମାନବନ୍ଦରରେ ପହଞ୍ଚିବା ବେଳକୁ ଏକନାଥ ସୂଚୀତ କଲେଣିଯେ, ତାଙ୍କୁ ସମର୍ଥନ କରୁଥିବା ବିଧାୟକଙ୍କ ସଂଖ୍ୟା ୪୦ରେ ପହଞ୍ଚିଗଲାଣି । ବିଦ୍ରୋହୀ ସେନା ବିଧାୟକମାନେ ନିଜକୁ ବାଲା ସାହେବୀ ଶୃଙ୍ଖଳିତ ଶିବସେନା ବୋଲି ଦାବି କରୁଛନ୍ତି । ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫଡ୍‌ନବିସ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କୁ ନୂଆଦିଲ୍ଲୀରେ ସାକ୍ଷାତ କରି ସର୍ବଶେଷ ଚାଲ୍ ଖେଳିବା ଆରମ୍ଭ କରି ଦେଇଛନ୍ତି । ଘଡ଼ିକେ ଘୋଡ଼ା ଛୁଟି ଚାଲିଥିବା ବେଳେ ଶିବସେନା ବିଧାୟକମାନଙ୍କୁ ଧରି ବିଳାସପୂର୍ଣ୍ଣ ହୋଟେଲରେ ରହଣି ସହିତ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ସୌଜନ୍ୟ ପାଇଛନ୍ତି । କଂଗ୍ରେସ ଓ ଏନ.ସି.ପି. ସହିତ କ୍ଷମତାରେ ରହିବାର ମଜା ଉଦ୍ଧବ ଥାକରେ ପାଇଯିବେ ବୋଲି ତାଚ୍ଛଲ୍ୟ କରି କହିଛନ୍ତି ଏକନାଥ ସିଛେ । ଆମେ ହିନ୍ଦୁତ୍ୱବାଦୀ ଏବଂ ଶିବସେନା ସେହି ବିଚାର ସହିତ ରହିବୁ । ବାଲା ସାହେବଙ୍କ ହିନ୍ଦୁତ୍ୱବାଦୀ ବିଚାରକୁ ନେଇ କୌଣସି ଭାବରେ ବୁଝାମଣା ପ୍ରଶ୍ନ ଉଠୁନାହିଁ ବୋଲି ବିଦ୍ରୋହୀ ବିଧାୟକଙ୍କ ନେତା କହିଛନ୍ତି । କଂଗ୍ରେସ ଓ ଏନ୍.ସି.ପି. ହିନ୍ଦୁତ୍ୱବାଦୀ ବିଚାରଧାରରେ ବିଶ୍ୱାସ କରୁନଥିବା ହେତୁ ସେମାନଙ୍କ ସହିତ ନରହି ବରଂ ହିନ୍ଦୁତ୍ୱ ବିଚାରଧାରାରେ ବିଶ୍ୱାସ ରହିଥିବା ବିଜେପି ସହିତ ତାଳମେଳ ରଖିବା କଥା ବିଚାର କରୁଛନ୍ତି ଏହି ବିଦ୍ରୋହୀ ବିଧାୟକବୃନ୍ଦ । ଗୁଆହାଟି ହୋଟେଲରେ ରହଣି ସମୟରେ ଏକନାଥ ସିନ୍ଧେ ସ୍ୱାଧୀନ ବିଧାୟକମାନଙ୍କୁ ମିଶାଇ ତାଙ୍କ ସହିତ ୪୬ ଜଣ ବିଧାୟକ ଥିବାର ଦାବି କରୁଛନ୍ତି । ହିମନ୍ତ ବିଶ୍ୱଶର୍ମା ଜଣେ ଧୂରୀଣ ନେତା, ଯେ କି କଂଗ୍ରେସ ଦଳ ଛାଡି ବିଜେପି ପାଇଁ ଚତୁର ନେତା ରୂପେ ନିଜକୁ ସାବ୍ୟସ୍ତ କରିଛନ୍ତି । କେବଳ ଆସାମ ନୁହେଁ, ସମଗ୍ର ଉତ୍ତର-ପୂର୍ବ କ୍ଷେତ୍ରର ଅଧିକାଂଶ ରାଜ୍ୟରେ ବିଜେପି ଓ ତାହାର ସମଧର୍ମା ଦଳଙ୍କୁ କ୍ଷମତାକୁ ଆଣିବାରେ ଘଟକ ସାଜିଛନ୍ତି ହିମନ୍ତ । ବିଜେପି ଶାସିତ ଗୁଜରାଟରୁ ଆଉ ଏକ ବିଜେପି ଶାସିତ ଆସାମ ରାଜଧାନୀକୁ ୩୭ଜଣ ଶିବସେନା ବିଧାୟକଙ୍କୁ ରାତି ଅଧରେ ବିମାନରେ ଆଣି ବିଳାସପୂର୍ଣ୍ଣ ହୋଟେଲରେ ରଖିବା ସମଗ୍ର ପ୍ରକ୍ରିୟାଟିକୁ ଯେତିକି ଜଟିଳ କରିଛି ଉଦ୍ଧବ ଠାକରେ ନେତୃତ୍ୱାଧୀନ ସରକାରଙ୍କ ପାଇଁ ସମସ୍ୟା ସେତିକି ବଢ଼ାଇ ଦେଇଛି । କର୍ଣ୍ଣାଟକ ଓ ମଧ୍ୟପ୍ରଦେଶ ପରେ ଏବେ ମହାରାଷ୍ଟ୍ରରେ 'ଅପରେସନ୍ କମଳ' ପ୍ରୟୋଗ ଉଦ୍ଧବ ଥାକରେଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି । ଶିବସେନାଠାରୁ ତାଙ୍କ ବିଧାୟକମାନେ ଅଲଗା ନୁହନ୍ତି, ବରଂ ଅଣ-ହିନ୍ଦୁତ୍ୱବାଦୀଙ୍କ ସହିତ ତାଳମେଳ ରଖୁଥିବା ଉଦ୍ଧବ ଥାକରେ ଅସଲ ଶିବସେନା ହୋଇପାରନ୍ତି ବୋଲି କହିଛନ୍ତି ଏକନାଥ ସିଛେ । ଅନ୍ୟ ପକ୍ଷରେ ଶରଦ ପାୱାର ସ୍ପଷ୍ଟ କରିଛନ୍ତି ଯେ, ବିଜେପି ସହିତ କୌଣସି ବୁଝାମଣା ହେବାର ପ୍ରଶ୍ନ ଉଠୁନାହିଁ । ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ରାଜ୍ୟରେ କ୍ଷମତାରୁ ଅଲଗା ରହିଥିବା ବିଜେପି ବିଦ୍ରୋହୀ ଗୋଷ୍ଠୀ-ଶିବସେନାକୁ ସ୍ୱାଗତ କରିଛି । କର୍ଣ୍ଣାଟକ ଓ ମଧ୍ୟପ୍ରଦେଶ ଭଳି ମହାରାଷ୍ଟ୍ରରେ ଅପରେସନ୍ କମଳ'ର ପ୍ରୟୋଗ ସଫଳ ହେଲେ ତାହା ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ହାତ ମୁଠାକୁ ଅବଶ୍ୟ ଟାଣ କରିବ ବୋଲି ସମୀକ୍ଷକ ମହଲ ବିଚାର କରୁଛନ୍ତି । ମହାରାଷ୍ଟ୍ରରେ ଅଢେଇ ବର୍ଷ ପରେ ବ୍ୟବଧାନରେ କିଭଳି ବିଦ୍ରୋହୀ ଶିବସେନା ବିଧାୟକଙ୍କ ସଂଖ୍ୟା ଗଣିତ ଦଳବଦଳ ବିରୋଧୀ ଆଇନକୁ ଲଘଂନ ନକରିବ, ତାହା ଦେଖୁବା ପାଇଁ ଆଇନଗତ ପରାମର୍ଶ ଦେବାକୁ ବିଶେଷଜ୍ଞମାନେ ଅଛନ୍ତି । ଅପରେସନ କମଲ ଜରିଆରେ ଆଉ ଏକ ରାଜ୍ୟକୁ ମେଣ୍ଟ ସରକାର ମୁକ୍ତ କରିବାରେ ରାଜନୈତିକ ଭୂକମ୍ପର ପ୍ରଣେତାମାନଙ୍କୁ ଅବଶ୍ୟ ଜଣା ।

# ସମସତ୍ତା



ରତନ କୁମାର ଶିଉଳି

ଯୁଗ ଯୁଗ ଧରି ଆମମାନଙ୍କ ଜୀବନଯାପନର ପଥ ନିର୍ଦ୍ଦେଶିତ ହୋଇ ଆସିଛି ସମୟ-ବିବର୍ତ୍ତନର ହାତଧରି । ହେଲେ ଏଥିରେ ଦ୍ୱିମତ ନାହିଁ । ଯେତେଥର ମଣିଷ ପଛକଥା ଭୁଲି ନିଜକୁ ନୂଆ ଭାବରେ ଗଢ଼ିବାକୁ ପାଦ ବଢ଼ାଇଛି, ପଛରେ ଛାଡ଼ି ଆସିଥିବା ଦିନଗୁଡ଼ିକ ସେତେବେଶୀ ସାମ୍ନାକୁ ଆସି ମନକୁ ଆନ୍ଦୋଳିତ କରିଛି ।

ସମୟ ସାଥିରେ ପାଦ ମିଳାଇବାକୁ ଯାଇ ଆମେମାନେ ଏତେ ସ୍ୱାର୍ଥପର ହୋଇସାରିଛନ୍ତି ଯେ ସ୍ୱାର୍ଥସିଦ୍ଧି ଚରିତାର୍ଥ ହିଁ ହୋଇଛି ଜୀବନର ଏକମାତ୍ର ମୂଳମନ୍ତ୍ର । ଏକଦା ଏଇ ଦେଶର ମହାପୁରୁଷଙ୍କ ଜନହିତୈଶୀ ବାଣୀ ଯେ ଆମ ସମାଜ ସଂସ୍କାରକୁ ବିଶ୍ୱରେ ସଂସ୍କୃତ ସଂପନ୍ନ ମର୍ଯ୍ୟାଦା ମଣ୍ଡିତ କରିଥିଲା, ଆଜି ସେ ମହାମନ୍ତ୍ରର ମୂଳଭାବକୁ ଗ୍ରହଣ କରି ନେବାର ଉଦାର୍ଯ୍ୟ ସବୁରି ମନରୁ ଅନ୍ତର୍ହିତ । ଆବଶ୍ୟକତାର ତାଗିଦାରେ ମଣିଷଙ୍କ ପାଖରେ ଇଦାନିଂ ଅବସର ଅବଶ୍ୟ ସୀମିତ । ଏଇ ଆବଶ୍ୟକତାର ଦୌଡ଼ାଦୌଡ଼ି ଭିତରେ ଆମ ସମାଜ ଏବେ ବିଭାଜିତ ହୋଇ ସାରିଛି ପ୍ରାୟତଃ ଦୁଇଟି ଶ୍ରେଣୀରେ । ପ୍ରବୀଣ ଓ ନବୀନ । ଆଉ ଏହି ଦୁଇ ଶ୍ରେଣୀର ମଧ୍ୟସ୍ଥଳରେ ଲକ୍ଷ୍ମଣ ରେଖା ଭଳି ଟାଣି ଦିଆ ଯାଇଛି 'ଜେନେରେସନ୍ ଗ୍ୟାପ୍' ନାମର ପରସ୍ପର ବିରୋଧୀ ଚିନ୍ତାଧାରାର ଏକ ବିଶାଳ ଶୂନ୍ୟତା । କାହିଁକି ଏ ପିଢ଼ି ଭେଦ, କ'ଣ ଏହାର ଆବଶ୍ୟକତା ?

କେହି କେହି ଯୁକ୍ତି ଦିଅନ୍ତି ପ୍ରାଚୀନ ପରଂପରାକୁ ଅସ୍ୱୀକାର କରି ସ୍ୱତନ୍ତ୍ର ଭାବରେ ବଂଚିବାର ନାମ ହିଁ ଏହା । କେହି କହନ୍ତି ଆଧୁନିକ ସମାଜର ଆଧୁନିକ ପରିକଳ୍ପନା । ପୁଣି କେହି ବା ଆଡ଼ ଆଖିରେ କଟାକ୍ଷ ହାଣି କହିବୁଲନ୍ତି, ସେ ପୁରୁଣା ଯୁଗ ଆଉ ନାହିଁ । ସମୟ ବଦଳିଛି, ବଦଳୁଛି ମଣିଷଙ୍କ ବିଚାରଧାରା ।

ସେମାନଙ୍କ ମତ ଶୁଣିଲେ ମନେ ହୁଏ ପ୍ରାଚୀନ ରୀତି, ନିୟମ ପ୍ରତି ଗୋଟିଏ ହେୟଭାବ ସେମାନଙ୍କ ମନରେ ବସାବାନ୍ଧି ରହିଛି । ହେଲେ ସମାଜ ତ ସବୁ ବର୍ଗର ଲୋକଙ୍କୁ ନେଇ । ତା' ହେଲେ ସମାଜ-ସଂସ୍କାର ବହିର୍ଭୂତ ଏ ଧରଣ ଯୁକ୍ତିର ପ୍ରାସଂଗିକତା କେଉଁଠି ? ସମାଜ ସୁଧାରକାରୀଙ୍କ ବିଚାରରେ ମତ ପାର୍ଥକ୍ୟ ରହିଥିଲେ ମଧ୍ୟ ସର୍ବମତରୁ ଏହା ପ୍ରମାଣିତ ଯେ ଗୋଟିଏ ସୁସ୍ଥଶିକ୍ଷିତ ସମାଜ ସେତେବେଳେ ଗଠିତ ହୋଇପାରେ ଯେତେବେଳେ ସମାଜରେ ସମସତ୍ତା ବିରାଜ କରେ ।

ଅଧୁନା ଏଇ ପୀଢ଼ି ଭେଦ (ଜେନେରେସନ୍ ଗ୍ୟାପ୍) ଗୋଟିଏ ନୂଆ ସମସ୍ୟା ରୂପରେ ସମାଜ ସମ୍ମୁଖରେ ଦଣ୍ଡାୟମାନ । କେହି ବୁଝିପାରୁ ନାହାନ୍ତି ଏଇ ଜଟିଳ ବ୍ୟବଧାନର ସ୍ରଷ୍ଟା କିଏ ? କାହା ହାତରେ ରହିଛି ଏହି ବିରାଟ ବ୍ୟବଧାନକୁ ସଂକୁଚିତ କରିବାର ଚାବିକାଠି ?

ସମାଧାନ ପାଇଁ ଏହି ଯୁକ୍ତି ଉପସ୍ଥାପନା କରାଯାଇ ପାରେ, ଏବେ ସମୟ ଆସିଛି ପ୍ରବୀଣ-ନବୀନ ଉଭୟ ଶ୍ରେଣୀକୁ ଏ ସମସ୍ୟା ବିଷୟରେ ଚିନ୍ତା କରିବାକୁ । ନବୀନ ସମାଜ ଅବଶ୍ୟ ଏ ଯୁକ୍ତରେ ଅସମ୍ମତ । ପୁରୁଣା କାଳର ରୀତି ନିୟମକୁ ଭାଙ୍ଗିଦେବାକୁ ଚାହାନ୍ତି ଆଜି ସେମାନଙ୍କ ଆଧୁନିକ ଚିନ୍ତାଧାରାରେ । ହେଲେ ବିଡ଼ମ୍ବନା ଏହି ଯେ ଆଧୁନିକ ଚିନ୍ତାଧାରା ଅର୍ଥରେ ନବୀନମାନେ ଯାହା କରିବାକୁ ଚାହୁଁଛନ୍ତି ପ୍ରବୀଣମାନେ ତାହା ସ୍ୱୀକାର କରିବାକୁ ଅନିଚ୍ଛୁକ ।

ଆଧୁନିକ ପରିବାର ଏବେ ଏକକେନ୍ଦ୍ରିକ । ସ୍ୱାମୀ-ସ୍ତ୍ରୀ ଓ ନିଜ ସନ୍ତାନ ହେଉଛନ୍ତି ଗୋଟିଏ ଆଧୁନିକ ପରିବାରର ପରିଧି । ଗୋଟିଏ ଶିଶୁ ତା'ର ବାଲ୍ୟତ ଅବସ୍ଥାଠାରୁ କୃତ୍ରିମଦ୍ରବ୍ୟ ସାଙ୍ଗରେ ନେଇ ସମୟ କାଟିବାରେ ଅଭ୍ୟସ୍ତ ହେଉଛି । ମାନସିକ ସନ୍ତୁଳନ ହରାଇଲା ଭଳି ଘର ଭିତରେ ଏକୁଟିଆ ନିଜ ସହିତ ନିଜେ କଥା ହେଉଛି । ଖେଳୁଛି ମଧ୍ୟ କୌଣସି ନିର୍ଜୀବ ବସ୍ତୁକୁ ସାମ୍ନାରେ ପ୍ରତିଦ୍ୱନ୍ଦୀ ଭାବରେ ରଖି । ଏମିତି ଭାବରେ ରୁକ୍ଷ, ଭଗ୍ନ ହୃଦୟ ଓ ଜୀବନକୁ ନେଇ ସେ ବଡ଼ ହେଉଛି ।

ଗୋଟିଏ ଯୌଥ ପରିବାର ନବଜାତ ଶିଶୁଟିଏକୁ ଯେମିତି ଦେଇ ପାରନ୍ତି ତା' ଶୈଶବର ହସ-ଖୁସିର ସ୍ୱାଦ, ସେଇ ଭାବରେ ଅନ୍ୟ ଦିଗରେ ଦିଅନ୍ତି ସଂସାର ସଂପର୍କର ବନ୍ଧନ । ନିର୍ଭିକ ମନରେ ବୟସ୍କ ପରିଜନଙ୍କ ସାଥୀରେ ରହି ପୁରାତନ ଓ ନୂତନର ସେତୁବନ୍ଧ ମଝିରେ ଅନାୟାସରେ ଶିଖି ପାରନ୍ତି ସମୃଦ୍ଧମୟ ଜୀବନ-ସୂତ୍ର । ଅଥଚ ଆଜିର ଶିଶୁଟି ପାଖରେ ରହିଛି ବ୍ୟାଟ୍-ବଲ, ଲ୍ୟାପ୍‌ଟପ୍ କିମ୍ବା ଗୋଟିଏ ସ୍ମାର୍ଟ ଫୋନ । ଆଉ ଭବିଷ୍ୟତ ଚାହିଦାର ଲମ୍ବା ସିଡ଼ି, ଯେଉଁ ସିଡ଼ିରେ ଚଢ଼ି ନିଜ ଭାଗ୍ୟ ନିର୍ଦ୍ଧାରଣ କରିବାକୁ ନିରନ୍ତର ତାକୁ ବାଧ କରାଯାଉଛି । ଏମିତି ଅସହିଷ୍ଣୁ ଜୀବନ ନେଇ ଶିଶୁଟି ଯେତେବେଳେ ବଡ଼ ହୋଇ ଉଠୁଛି ପ୍ରବୀଣ ମାନେ ତାକୁ ଆକ୍ଷେପ କରି କହୁଛନ୍ତି- ଯେ ଆମର ନେକ୍ସ ଜେନେରେସନ୍- 'ଉତ୍ତର ପୁରୁଷ' । ସଂପୂର୍ଣ୍ଣ ଭାବରେ ନୂଆ ପ୍ରଯତ୍ନର ଭାବ-ଆବେଗହୀନ ଅନ୍ୟଧରଣର ମଣିଷ । ଯାହା ପାଖରେ ସମାଜ ନାହିଁ, ନାହିଁ ସାମାଜିକ ମୂଲ୍ୟବୋଧ; ନାହିଁ ମଧ୍ୟ ସଂପର୍କର ଦାୟିତ୍ୱ ବଦ୍ଧତା । ସେ କେବଳ ଜଣେ ଆଧୁନିକ ଯୁଗର ମଣିଷ, କେବଳ ନିଜସୁଖ ପାଇଁ ଜନ୍ମିତ ।

କିନ୍ତୁ ସେଇ ନବଜାତକର ଏଇ ଯାନ୍ତ୍ରିକ ଜୀବନଧାରା ପାଇଁ ପ୍ରବୀଣମାନେ କ'ଣ ପ୍ରତ୍ୟକ୍ଷ ଭାବରେ ଦାୟି ନୁହଁନ୍ତି ? ଆମ ସଂସ୍କାର ହୀନ ତା'ର ଛୋଟ ଗୋଟିଏ ଉଦାହରଣ । ଆମେ ଗୁରୁଜନଙ୍କ ପାଖରୁ ଶିଖିଛନ୍ତି, ଘରକୁ ଅତିଥି ଆସିଥିଲେ (ଆତ୍ମୀୟ ବା ପରିଚିତ) ଘରର କନିଷ୍ଠମାନେ ସେମାନଙ୍କ ଚରଣ ଛୁଇଁ ପ୍ରଣିପାତ ଜଣାଇବା ସହିତ ନିକଟରେ ଉପସ୍ଥିତ ପିତା-ମାତା ବା ବୟସ୍କ ଗୁରୁଜନଙ୍କୁ ପ୍ରଣାମ କରନ୍ତି । କିନ୍ତୁ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଏ ରୀତିର ବ୍ୟତିକ୍ରମ ଘଟିଛି । ଅତିଥି କେହି ସୌଜନ୍ୟତା ନିୟମରେ କିଛି ଉପହାର ଧରି ଘରକୁ ଆସିଥିଲେ ବାପା-ମା'ଙ୍କ ନିର୍ଦ୍ଦେଶ କ୍ରମେ କନିଷ୍ଠମାନେ ସେତେବେଳେ କେବଳ ଅତିଥିଙ୍କୁ ପ୍ରଣାମ ଜଣାଇବା ବ୍ୟତୀତ ପାଖରେ ଉପସ୍ଥିତ ଅନ୍ୟ ଗୁରୁଜନମାନଙ୍କୁ ପ୍ରଣାମ କରିବା ବିଷୟଟିକୁ ଉପେକ୍ଷା କରିଥାନ୍ତି । ସମାଜ ଗଠନର ନିୟମ ଅନୁଯାୟୀ ଉତ୍ତରାଧିକାରୀଙ୍କ ପ୍ରଥମଶିକ୍ଷା ଆରମ୍ଭ ହୁଏ ପରିବାରଠାରୁ । ପ୍ରବୀଣ ମାନଙ୍କ ଉତ୍ତମ ଆଚାର ଆଚରଣ ଭିତରୁ । ଏଠାରେ କନିଷ୍ଠମାନଙ୍କର ଦୋଷ ଅଛି ବୋଲି ମନେ ହୁଏନାହିଁ । ପରିବାରର କର୍ତ୍ତା ଯେତେବେଳେ ଭଗ୍ନ ସଂସାରମୁଖୀ, ସେଠାରେ ସନ୍ତାନଙ୍କ ଠାରୁ ସଂପର୍କ-ସମ୍ମାନ, ଉତ୍ତମ ସଂସ୍କାର ଆଶା କରିବା ହାସ୍ୟସ୍ପଦ ।

ସମସ୍ତେ ଜାଣନ୍ତି ମଣିଷ ମାତ୍ରକେ ତା' ଶୈଶବଠାରୁ ବାର୍ଦ୍ଧକ୍ୟ କାଳ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ପରିସ୍ଥିତି ମଧ୍ୟ ଦେଇ ଗତି କରିବାକୁ ପଡ଼େ, ଯାହା ତାହାକୁ ବୟସ କାଳରେ ଜଣେ ପରିଣତ ବ୍ୟକ୍ତି ଭାବରେ ଚିହ୍ନିତ କରେ । ଏହି ପରିସ୍ଥିତି ବା ପର୍ଯ୍ୟାୟ ଥାଏ ଗୋଟିଏ ସଂପୂର୍ଣ୍ଣ ପରିବାର, ଉପଯୁକ୍ତ ଶିକ୍ଷା-ସଂସ୍କୃତି ପରସ୍ପରଙ୍କ ପ୍ରତି ସ୍ନେହ-ସମ୍ମାନ, ସୌହାର୍ଦ୍ଦ୍ୟ ଆଉ ସାମାଜିକ ସଚେତନତାର ବଳିଷ୍ଠ ଦାୟିତ୍ୱ ବଦ୍ଧତା । ହେଲେ ଆଜିର ଶିକ୍ଷା ପଦ୍ଧତିରେ ନିଜକୁ ଅତ୍ୟାଧୁନିକ ମାନୁଥିବା ମଣିଷମାନେ ପାରିବାରିକ, ସାମାଜିକ ଦାୟିତ୍ୱବଦ୍ଧତା ସ୍ୱୀକାର କରି ନେବାକୁ ଅନିଚ୍ଛୁକ । ଏହାର କୁପରିଣାମ ଯେ ସମସ୍ତଙ୍କୁ ଅନିର୍ଶ୍ଚିତତାର ଅନ୍ଧକାର ଭିତରକୁ କ୍ରମଶଃ ଟାଣି ନେଉଛି ତାହା ବିବେଚନା କରିବାକୁ କାହାରି ପାଖରେ ଯେମିତି ସମୟ ନାହିଁ ।

ଗୋଟିଏ କଥା ଗୁରୁତ୍ୱର ସହିତ ଚିନ୍ତା କରିବା ଉଚିତ, ଆଜିର ଉନ୍ନୟନଶୀଳ ସମାଜ କେବଳ ଏହି ପ୍ରବୀଣ ମଣିଷଙ୍କ ସୁଚିନ୍ତିତ ନୈପୁଣ୍ୟ ଦ୍ୱାରା ହିଁ ସୃଜନଶୀଳ ହୋଇ ଉଠିଛି । ତା' ହେଲେ କାହିଁକି ପରିବାର ଓ ସମାଜର ଦାୟତ୍ୱଭାର ନେବାକୁ ଆମ୍ଭମାନଙ୍କ ନବୀନମନ ଅନିର୍ଶ୍ଚିତତାର କଳ୍ପନା ଭୟରେ ବିମୁଖ । ଆମେମାନେ କଣ ଆମ ସମାଜର କିଛି ପୁରୁଣା ଚିନ୍ତାଧାରାର ରୂପାନ୍ତର ଘଟାଇ ମନନଶୀଳ ଭାବନାରେ ସ୍ଥିତିଶୀଳ ଏକନିଷ୍ଠ ସମଭାବାପନ୍ନ ସଂଗବଦ୍ଧ ନୂଆ ସମାଜ ଗଢ଼ିପାରନ୍ତେ ନାହିଁ ?

ପାରିବେ ! ହୁଏତ ଟିକିଏ ବିଳମ୍ବରେ । ବର୍ତ୍ତମାନର ପ୍ରଜନ୍ମ ହିଁ ପାରିବେ ନବବିଧାନର ହାତ ଧରି ଗୋଟିଏ ସୁସ୍ଥ ସୁଗଠିତ ସାମଜର ଜନ୍ମ ଦେଇ, ଯାହା ମଧ୍ୟରେ ନଥିବ କୌଣସି ଶୂନ୍ୟତା, ବିଦ୍ୱେଷତା । ରହିବ ବେଳ ସର୍ବ ପୂର୍ଣ୍ଣତାରେ ପୂର୍ଣ୍ଣତମ ।


♥ସନ୍ଧ୍ୟାନିଳୟ, ରତିକାନ୍ତ ବାଳିକା ହାଇସ୍କୁଲ ପାଖ ସହଦେବଖୁଣ୍ଟା, ବାଲେଶ୍ୱର-୦୧


# କାଲ୍‌ଭେରିଆ ପଥରେ ମଣିଷ



କବି ବିପ୍ଳବ

ବୃକ୍ଷ ବୋଧହୁଏ ବିଶ୍ୱର ଅନ୍ୟତମ ନିରୀହ ସଜୀବ ଯାହାକୁ ଆତ୍ମରକ୍ଷା କରିବାର କୌଶଳ ଜଣା ନାହିଁ । ସେଥିପାଇଁ ଭୁବନେଶ୍ୱରସ୍ଥିତ ଏମ୍.ଏଲ୍.ଏ କଲୋନୀରେ ପାଖାପାଖି ଆଠ ଶହ ବୃକ୍ଷକୁ ବଳିଦିଆଯାଉଛି । ପରିବେଶପ୍ରେମୀ ବା ବୃକ୍ଷ ପ୍ରେମୀଙ୍କ ପାଇଁ ଏହା ଦୁଃସମ୍ବାଦ ନିଶ୍ଚୟ । ଓଡ଼ିଶାର ବିଧାୟକମାନଙ୍କ ପାଇଁ ବୃହତ୍ତମ ତଥା ଅତ୍ୟାଧୁନିକ ଅଟ୍ଟାଳିକା ନିର୍ମାଣର ପରିକଳ୍ପନା କରାଯାଇ ବୃକ୍ଷକୁ ସରକାରୀ ନିର୍ଦ୍ଦେଶ ବଳରେ ନିର୍ଦ୍ଦୟ ଭାବେ କାଟି ଦିଆଯାଇଛି । ସ୍ୱାର୍ଥାନ୍ଧ ମଣିଷ ନିଜର ବସ୍ତୁବାଦୀ ଇଚ୍ଛାକୁ ସାକାର କରିବାକୁ ଯାଇ ପ୍ରକୃତି ଉପରେ ଅତ୍ୟାଚାରକରି ଅନେକ ଜୀବଜନ୍ତୁ ତଥା ବୃକ୍ଷଙ୍କ ବଂଶ ବିନାଶର କାରଣ ସାଜିଛି ।

ମଣିଷ ସହ ପ୍ରକୃତିର ସଂପର୍କ ବଡ ନିବିଡ଼ ଓ ପରସ୍ପର ପରିପୂରକ । ମାତ୍ର ମଣିଷର ଅପରିମାଣଦର୍ଶୀ କାର୍ଯ୍ୟ ପାଇଁ ଦିନେ ପୃଥିବୀରୁ ଡୋଡୋ ନିଶ୍ଚିହ୍ନ ହୋଇଗଲେ, ଆଉ କାଲ୍‌ଭେରିଆ ବା ଯାହାକୁ ଡୋଡୋ ବୃକ୍ଷ କୁହାଯାଏ ଏବେ ନିଶ୍ଚିହ୍ନ ପଥର ଯାତ୍ରୀ । ଡୋଡୋ ଗୋଟିଏ ବୃହତ୍ତ ଓ ନିରୀହ ମାଂସାଳ ପକ୍ଷୀ । ସେ ପକ୍ଷୀ ହେଲେ ବି କାଲ୍‌ଭେରିଆ ପରି ଗୋଟିଏ ବୃକ୍ଷର ବଂଶ ବୃଦ୍ଧିରେ ସାହାଯ୍ୟ କରୁଥିଲା । ଆଶ୍ଚର୍ଯ୍ୟ ହେଲେ ବି ଏ କଥା ସତ୍ୟ। କାଲ୍‌ଭେରିଆର ଫଳଗୁଡିକ ଥିଲା ଖୁବ୍ ବଡ ଓ ବହଳ ଚୋପା ବିଶିଷ୍ଟ । ଆଉ ତା'ର ଫଳ ଥିଲା ଡୋଡୋ ପକ୍ଷୀର ବହୁତ ପ୍ରିୟ । ସେ ତାକୁ ଗୋଟା ଗିଳିଦେଇ ମଳଦ୍ୱାର ପଟେ ବାହାର କରିଦେଉଥିଲା । ତା'ପରେ ସେହି ମଳରେ ଥିବା ବୀଜରୁ ନୂତନ କାଲ୍‌ଭେରିଆ ବୃକ୍ଷର ସୃଷ୍ଟି ହେଉଥିଲା । ୧୫୦୭ ମସିହାରେ ପର୍ତ୍ତୁଗୀଜ୍‌ମାନେ ମରିସସ୍‌ରେ ଡୋଡୋ ପକ୍ଷୀର ପ୍ରଥମ ସନ୍ଧାନ ପାଇଥିଲେ । ଡୋଡୋ ପକ୍ଷୀ ଅପେକ୍ଷାକୃତ ନିରୀହ ଥିଲା ଓ ସେ ଉଡିବା ତାଙ୍କୁ ଜଣାନଥିଲା । ତେଣୁ ବିଲେଇ, କୁକୁର ଠାରୁ ଆରମ୍ଭ କରି ମଣିଷ ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ସହଜରେ ନିଜର ଶିକାର କରିପାରୁଥିଲେ । ଫଳ ସ୍ୱରୂପ ଉଡିବା ଓ ଆତ୍ମରକ୍ଷା ଶିଖିନଥିବା ଏହି ନିରୀହ ପକ୍ଷୀମାନେ ୧୬୮୧ମସିହାରେ ପୃଥିବୀ ପୃଷ୍ଠରୁ ଲୋପ ପାଇଗଲେ । ଫଳସ୍ୱରୂପ ଡୋଡୋ ପକ୍ଷୀ ଉପରେ ନିର୍ଭର କରି ବଂଶ ବିସ୍ତାର କରୁଥିବା କାଲ୍‌ଭେରିଆ ବୃକ୍ଷ ସଂଖ୍ୟା ଧିରେ ଧିରେ ହ୍ରାସ ପାଇଲା । ୧୮ସେପଟ୍ୱେର ୧୯୭୭ ମସିହାରେ ମାତ୍ର ୧୩ଟି କାଲ୍‌ଭେରିଆ ବୃକ୍ଷ ମରିସସ୍‌ରେ ରହିଥିଲା । ଯେଉଁମାନଙ୍କର ବୟସ ୩୦୦ବର୍ଷରୁ ଉର୍ଦ୍ଧ୍ୱ । ମଣିଷର ଏଇ ଅବିଚାରର ଫଳ ସ୍ୱରୂପ ଦୁଇଟି ନିରୀହ ଜୀବର ବଂଶ ପୃଥିବୀ ପୃଷ୍ଠରୁ ଲୋପ ପାଇଗଲା ।

ମଣିଷ ଏବେ କୃତ୍ରିମ ବିକାଶର ଡିଣ୍ଡିମ ପିଟି ଚାଲିଛି । ଚଳିତ ଗ୍ରୀଷ୍ମଋତୁରେ ଭୁବନେଶ୍ୱରର ତାପମାତ୍ରାକୁ ଲକ୍ଷ୍ୟକଲେ ଆମେ ଦେଖିବାଯେ ତାହା ୪୩ଡ଼ିଗ୍ରୀ ସେଲସିୟସ୍ ଅତିକ୍ରମ କରିଯାଇଛି । ଏହା ଏକ ରେକର୍ଡ । ଜଙ୍ଗଲ ବିଭାଗର ଏକ ପରିସଂଖ୍ୟନରୁ ଜଣାଯାଏ ଯେ କେବଳ ଭୁବନେଶ୍ୱରରେ ଗତ ୫ବର୍ଷ ଭିତରେ ବର୍ଷା ବାତ୍ୟାପରି ପ୍ରାକୃତିକ ଦୁର୍ବିପାକ ଯୋଗୁଁ ପ୍ରାୟ ୯୨ହଜାର ବୃକ୍ଷ ନଷ୍ଟ ହୋଇଯାଇଛି । ଏତଦ୍ ବ୍ୟତୀତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଯଥା କୋଠାବାଡି ନିର୍ମାଣ, ସରକାରୀ ଅଫିସ୍ ବା ବାସଗୃହ ନିର୍ମାଣ ବା ରାସ୍ତାର ପ୍ରଶସ୍ତିକରଣ ପାଇଁ ହଜାର ହଜାର ବୃକ୍ଷକୁ ବଳି ପକାଯାଇଛି । ଏ ଖାଲି ଭୁବନେଶ୍ୱରର ଘଟଣା ନୁହେଁ । ବିକାଶ ନାମରେ ସବୁଠି ଚାଲିଛି ପ୍ରକୃତି ଉପରେ ମଣିଷର ଅକଥନୀୟ ଅତ୍ୟାଚାର । ସେଥିପାଇଁ ଆମ ରାଜ୍ୟର ଅଧିକାଂଶ ସହରର ତାପମାତ୍ର ୪୦ଡିଗ୍ରୀ ସେଲସିୟସ୍ ଉପରେ । ଏଥିପାଇଁ କିଏ ଦାୟୀ ? ପ୍ରକୃତିର ଏ ମଣିଷ ଉପରେ ଅତ୍ୟାଚାର ନା ମଣିଷର ପ୍ରକୃତି ଉପରେ ଅତ୍ୟାଚାର ? କାହାକୁ ଏଥି ପାଇଁ ଦାୟୀ କରାଯାଇ ପାରିବ ? ବୃକ୍ଷ ଆମର ପରମ ଆଉ ଶ୍ରେଷ୍ଠ ବନ୍ଧୁ । ଜନ୍ମ ଠୁ ମୃତ୍ୟୁ ପର୍ଯ୍ୟନ୍ତ ତାର ପ୍ରତିଟି ଅଂଶ ମାନବ ସମାଜ ପାଇଁ ବରଦାନ ସଦୃଶ । ଖାଦ୍ୟ,ବସ୍ତ୍ର, ବାସଗୃହ ପ୍ରଭୃତି ପ୍ରତିଟି ଆବଶ୍ୟକତା ପାଇଁ ମଣିଷ ବୃକ୍ଷ ଉପରେ ନିର୍ଭରଶୀଳ । ରନ୍ଧନ ଗ୍ୟାସର ବହୁଳ ବ୍ୟବହାର ପୂର୍ବରୁ ପ୍ରତିଟି ପରିବାରର ରୋଷେଇ ପାଇଁ ଜାଳ ଭାବରେ ବୃକ୍ଷର ଅବଦାନ ସ୍ୱୀକାର୍ଯ୍ୟ । ଅଶ୍ୱତ୍ଥ, ବର, ନିମ୍ବ ଓ ତୁଳସୀ ପରି ବୃକ୍ଷ ଆମକୁ କୋଡିଏରୁ ଚବିଶ ଘଣ୍ଟା ଅମ୍ଳଜାନ ଦେଇଥାନ୍ତି । ଯାହା ମଣିଷ ପାଇଁ ଜୀବନ ନାଟିକା । ତା'ବିନା ମଣିଷ ମୁହୂର୍ତ୍ତଟିଏ ବଞ୍ଚିବା ମୁସ୍‌କିଲ୍ । ସେଥିପାଇଁ ବୋଧେ ଆମ ଚଳଣିରେ ବୃକ୍ଷ ପୂଜାର ପରମ୍ପରା ବହୁତ ପ୍ରାଚୀନ । ନିମ୍ବ, ଆଶ୍ୱତ୍ଥ, ବର ପରି ବୃହତ୍ତ ବୃକ୍ଷ ଆମକୁ ଯଥେଷ୍ଟ ପରିମାଣରେ ଶୁଦ୍ଧ ଅମ୍ଳଜାନ ଦେଉଥିବାରୁ ସେମାନଙ୍କର ପୂଜା ଆମ ଚଳଣିରେ ଯୋଡି ହୋଇ ରହିଛି । ପ୍ରତି ଘରର ଅଗଣାରେ ତୁଳସୀର ପୂଜା ବ୍ୟବସ୍ଥା ରହିଥିବାରୁ ଆମକୁ ମୁକ୍ତ ଓ ଶୁଦ୍ଧ ଅମ୍ଳଜାନ ମିଳିପାରୁଛି ।

ଶୁଣାଯାଉଛି କଟାଯାଉଥିବା ଗଛର କ୍ଷତିପୂରଣ ପାଇଁ ୧୨ହଜାର ଚାରା ରୋପଣର ଯୋଜନା କରାଯାଇଛି । ଏହା ଗୋରୁ ମାରି ଯୋତା ଦାନ ସଦୃଶ । ସରକାର ଚାହିଁଥିଲେ ବା ବିରୋଧି ଦଳ ପ୍ରତିବାଦ କରିଥିଲେ ଏପରି ନିଷ୍ପତ୍ତିକୁ ବଦଳାଯାଇ ବୃକ୍ଷଗୁଡିକର ପ୍ରାଣ ରକ୍ଷା କରାଯାଇ ପାରିଥାନ୍ତା । ଭୁବନେଶ୍ୱର ଆଖପାଖରେ ଖାଲି ସ୍ଥାନ ଦେଖି ସେଠି ବିଧାୟକମାନଙ୍କ ପାଇଁ ବୃହତ୍ତ ପ୍ରାସାଦ ଯୋଜନା କାର୍ଯ୍ୟକାରୀ କରାଯାଇ ପାରିଥାନ୍ତା । ମାତ୍ର ସ୍ୱାର୍ଥାନ୍ଧ ନେତା ନିଜର ସାମୟିକ ସ୍ୱାର୍ଥ ପୂରଣ ପାଇଁ ନିରୀହ ବୃକ୍ଷଙ୍କୁ ବଳିପକେଇ ଦେଲେ । କାରଣ ସେମାନେ ପ୍ରତିବାଦ କରିବା ଶିଖି ନାହାଁନ୍ତି । ମଣିଷ ଏବେ ଠୁ ଯଦି ସତର୍କ ହୋଇ ପ୍ରକୃତି ଉପରେ ତା'ର ଦାଉ ସାଜିବା ବନ୍ଦ ନକରେ ଦିନେ ଏହି ସବୁଜ ଗ୍ରହ ପୃଥିବୀ ଗୋଟିଏ ଜ୍ୱଳନ୍ତ ଅଗ୍ନିକୁଣ୍ଡରେ ପରିଣତ ହେବ । ହୁଏତ ଡୋଡୋ ବିନା କାଲ୍‌ଭେରିଆ ବୃକ୍ଷର ବଂଶ ବୁଡିଯିବା ପରି ମଣିଷ ଦିନେ ତା'ର ଶେଷ ପିଢିକୁ ଭେଟିବ ।


♥ମକୁନ୍ଦପୁର, ବାଙ୍କୀ
ମୋ-୯୪୩୭୪୬୮୦୧୬





## ମୋ ଗାଁ

### ସୁନନ୍ଦା ମହାନ୍ତି

ଆଜିବି ଶୁଭୁଛି ହୁଳହୁଳି
କାର୍ତ୍ତିକରେ ହବିଷିଆଳି
ଏବେବି ଗାଁ ଠାକୁରାଣୀ
ମାଗନ୍ତି ମାଜେଣା ମାଗୁଣୀ
ହରିବୋଲ ଶୁଭେ ସେଠି
ଭାଗବତ ପଢା ଯୋଉଠି
ଦୋଳ ହୋଲି ରେ ଯାତରା
ସାହିରେ ହେଉଛି ଠିଆପାଲା
ସଂସ୍କୃତି ଅଛି ଥିଲା ଥିବ
ଯେତେ ମୁହଁ ବୁଲାଇଦେବ
ଗାଁ ଚାଟଶାଳୀରେ ଶୁଭେ ପଣିକିଆ
ଗୁଣନ ହରଣ ମାନସାଙ୍କ ବଢିଆ
ସହର ଚକାଚକ୍ୟ ଦେଖି ଶିଖି
ଗାଁ ତ ପରିବର୍ତ୍ତିତ ହେବ ହିଁ ହେବ
ଏଥିରେ ଭାବିବାର କଣ ଅଛି
ହେଲେ ସେଇ ଭାବ ସଭାବ ସଂସ୍କୃତି
କେବେ ହୋଇନି କି ହେବନି ଇତି
ଏ ଘରେ ଡାକିଲେ ସେଘର କରେ ଓ
ଏଘରେ କୁନ୍ଥେଇଲେ
ସେଘରୁ ଶୁଭେ ଓଃ
କାହାର ଦେହଦୁଃଖ ଅବା ସୁଖେ
ଗାଁରେ କିଏ ଭାଗି ବା ନହୁଏ
ସେଇ ଝଙ୍କାଳିଆ ବରଗଛ ଅଛି
ଭୋର ଭୋର କାଉ କା ବି କରୁଛି
ପିତେଇନାନୀ ଚାଉଳ ଥୋଇ ପୁଅର
ଶୁଭ ମନାଶୁଛି, ସାହରୁ ବାରତା ଆସୁଛି
ଗେଲିବୋଉ ର କୁମ୍ଭପକା ଶାଢ଼ୀ
କିଏ ନଦେଖିଛି,
ଏମିତିକି ନେତୀ ନାନି ପିନ୍ଧିଛି
ପିଠା ପଣା ଭୋଜି ଭାତ ଦିଆ ନିଆ
ସଂସ୍କୃତି ମୋ ଗାଁରେ ବାସୁଛି ।


♥ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫


## ନବ ପ୍ରଭାତର ବାରତା ନେଇ

### ପୂର୍ଣ୍ଣଚନ୍ଦ୍ର ମହାଳିକ

ଜୀବନ ହାଟରେ ଭିଡ଼ରେ ଦେଖିଲି
ମାନବବାଦୀ ଶିକ୍ଷକଟିଏ,
ନଥିଲା ବାଲାର ଜୀବନ କିନାରେ
ଆପେ ଆପେ ଆସି ସାହାରା ହୁଏ ।

ପେସାରେ ଥିଲେ ସେ ସରଳ ଶିକ୍ଷକ
ନିଶାରେ ଲେଖନୀ ସମ୍ବଳ ଯା'ର
ମାନବ ଜୀବନ ସେବାରେ ବିତାଏ
ଖାତିରି ନଥାଏ କାହାକୁ ଡର ।

ମସୀର ଥିଲ ତୁମେ ପ୍ରିୟବନ୍ଧୁ
ଚେତନାରେ ଥିଲ ଦୃପତ ସ୍ୱର
ସାଧାସିଧା ଥିଲା ଜୀବନ ତମର
ନଥିଲା ଜୀବନେ ଆଡ଼ମ୍ବର ।

ଜୀବନରେ କେବେ ମନ୍ଦିର ଯାଇନ
ଚଢ଼ାଇନ ଫୁଲ କାହାରି ଶିରେ
କେତେ ସାହସରେ କବିତା ଲେଖିଛ
ଦେବତା ନଥାଏ ସରଗପୁରେ ।
ଚୋରିତ କରିନ, କାହାକୁ ଠକିନ
ପ୍ରେମମୟ ଥିଲା ଜୀବନ ତୋର
ଦର୍ଶନରେ ତୁମେ ସାମ୍ୟବାଦୀ ଥିଲ
କାହାକୁ କରନା ଜୀବନେ ପରା ।

ଅପସଂସ୍କୃତିର ଇଲାକା ଭିତରେ
ତମେ ଥିଲ ଜାଗୃତିର ସ୍ୱର,
ରକ୍ତିମ ସଂସାରର ଆବାହନୀ ତୋଳି
ହୋଇଗଲ ଅଜୟ ଅମର ।

ଲକ୍ଷ୍ୟ ଥିଲା ତମ ଜୀବନ କାଳରେ
ଗରିବୀ ହଟିବ ଦେଶରୁ ଭାଇ
ଆଗାମୀ କାଲିର ସୂରୁଜ ଉଇଁବ
ନବ ପ୍ରଭାତର ବାରତା ନେଇ ।


♥ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ବରିରୋଡ଼୍, ମାର୍କୋଣା,
ସିମୁଳିଆ, ବାଲେଶ୍ୱର
ମୋ: ୭୭୪୯୦୭୦୩୮୦


## ସିଂହଦ୍ୱାର

### ଡ.ଉମେଶ ଚନ୍ଦ୍ର ମହାପାତ୍ର

ରକ୍ତରେ ଅଜାଗା ଘାଆ
ଓ ଅୟୁତ ଜହ୍ନରାତି
ଚାକିରୀ ପ୍ରେମ ଓ
ଫାଶୀର ଚିଟାଉ
ପହଞ୍ଚେ ସେଠିକି
ନିସ୍ତରଙ୍ଗ
ସେ ନାଆଁ ଗାଆଁ ଠିକଣା ସେମିତି ।

ଓହ୍ଲେଇ ହୁଏ ନାହିଁ
ଏ ନିରନ୍ତର ଶୁଦ୍ଧିକ୍ରିୟାର
ପୋଷାକ ପରିଚ୍ଛନ୍ନ ହେଉ ବା ମଳିନ
ପୁଣି
ନାଆଁମାନଙ୍କର ଶୋଭାଯାତ୍ରାରୁ
ଅନ୍ତର୍ହିତ
ଖଣ୍ଡେ ନିର୍ମେଘ ଆକାଶ ପାଲଟେ
ସେଇ ଏକା ସମୟରେ
ସେଇ ଗୋଟିଏ ସ୍ପନ୍ଦନ ।

ବୁଝ ନାହିଁ ଜୀଇଁଯାଅ
ଜୀଇଁବା ହିଁ ବୁଝିବାର କଳା
ଭଳିକି ଭଳି

ମାନସାଙ୍କ କଷୁକଷୁ
ନିବୁଜ୍ ହେଇଯାଏ ଜୀବନ ଦାଣ୍ଡର
ଯାଉଁଳି କବାଟ
ବଞ୍ଚିବାରେ
ନିବିଡ଼ ଆଲିଙ୍ଗନର ଆଶାୟୀ ମୁଦ୍ରାରେ
ଚିରକାଳ
ହସହସ ସଂପୂର୍ଣ୍ଣ ମୁକୁଳା ।


♥ଅଧ୍ୟାପକ,ସ୍ନାତକୋତ୍ତର
ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗ,
ପଞ୍ଚାୟତ ମହାବିଦ୍ୟାଳୟ,
ବରଗଡ-୭୬୮୦୨୮,
ମୋ: ୯୯୩୮୭୭୦୫୭୨


## ପାନ୍ଥଶାଳା

### ରତ୍ନପ୍ରଭା ବାଇ

ପାନ୍ଥ ଶାଳାର କାନ୍ଥରେ ଲେଖା
ପ୍ରଣୟର ପ୍ରତିଛବି
ଥରଟିଏ ଆସି ଦେଖିଯାଅ ତମେ
ପୁଣି କେବେ ଯିବ ଲିଭି ।

ସେ ଛବିରେ ଫୁଲ ଫଗୁଣର ରଙ୍ଗ
ତନୁରେ ତା, ଭରା ବୟସର ରଙ୍ଗ
ଓଠର ହସରେ ଭରା ଅନୁରାଗ
ଲାଖି ରହିଛି ଏବେ ବି ।
ଥରଟିଏ ଆସି ଦେଖିଯାଅ ତମେ..

ଏ ନିଦାଘ ଋତୁ ବଡ଼ ନିରିମମ
ବୁଝେନି ସେନେହ ବୁଝେନି ସେ ପ୍ରେମ
ଉହକ ତାତିରେ ଜାଳେ ସେ ମରମ
ନୁହେଁ ବୋଲି ଅନୁଭବି ।
ଥରଟିଏ ଆସି ଦେଖିଯାଅ ତମେ..

ଦେଖେନା ବୟସ ଦେଖେନା ଜୀବନ
ଝଞ୍ଜାରେ ଭାଙ୍ଗଇ କେତେ ଯେ ସପନ
ଝରା ପତରର ବେଦରଦୀ ଗୀତ
କାଳେ କାନେ ଯାଏ ଶୁଭି ।
ଥରଟିଏ ଆସି ଦେଖିବାକୁ ତମେ..


♥ବଉଲଛକ,
ତାଳଚେର ଟାଉନ, ଅନୁଗୁଳ
ମୋ: ୯୩୩୭୯୭୨୭୪୯


## ଅଳସୀ ପ୍ରିୟା

### ସତ୍ୟଜିତ ସାହୁ

କେଉଁ ରାଇଜରୁ ଆସିଛୁ ଲୋ ପ୍ରିୟା
କେଉଁଠି ନଅର ତୋର
କେଉଁ ଉପାଦାନେ ଗଢା ତୁ ଲୋ ସାଥୀ
କିଏ ସେ ତୋ କାରିଗର ।

କେତେ ରୂପେ ତୁ ରୂପାୟିତ ପୁଣି
କେତେ ଗୁଣେ ଅଳଙ୍କୃତ
ମନରେ ତୋହର ପବିତ୍ର ଭାବନା
ପରକୁ କରୁଛି ମିତ ।

ଦେହର ସୁଗନ୍ଧେ ଭ୍ରମିତ ଏ ମନ
ମନ ହୁଏ ଯାଯାବର
ଆଖିର ଇସାରେ ଅଷ୍ଟାଙ୍ଗ ଶରୀରେ
ପ୍ରେମ ଗଢେ ନୂଆ ଘର ।

ଆଶାର ଆକାଶେ ପୂର୍ଣ୍ଣିମା ଚାନ୍ଦ ତୁ
ମନ ମନ୍ଦିରର ଦେବୀ
ହୃଦୟ କନ୍ଦରେ ସାଇତି ରଖି ମୁଁ
ନୂଆ ସ୍ୱପ୍ନ ସଜାଡ଼ିବି ।


♥ଡିହଦୋଳ, ପରଜଙ୍ଗ








# ଡାକ୍ତରୀ ପେଷା ଛାଡ଼ି ଅଭିନୟରେ ବସାବାନ୍ଧିଲେ ସାଇ ପଲ୍ଲବୀ




ପିଲାଦିନେ ନିର୍ଦ୍ଦିଷ୍ଟ କ୍ଷେତ୍ର ପ୍ରତି ଜାଗି ଉଠିଥିବା ଆକର୍ଷଣ କିପରି ଜଣକ ଶିକ୍ଷାଦୀକ୍ଷାକୁ ଗୌଣ କରି ଜୀବନର ଗତିପଥ ନିର୍ଦ୍ଧାରଣ କରିଥାଏ, ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଦକ୍ଷିଣୀ ଅଭିନେତ୍ରୀ ସାଇ ପଲ୍ଲବୀ ସେନ୍ଥାମରାଇ କନ୍ନାନ। ପିଲାବେଳେ ଏକ ଚଳଚ୍ଚିତ୍ରରେ ଶିଶୁ କଳାକାର ଭାବେ ଅଭିନୟ କରିବାର ସୁଯୋଗ ତାଙ୍କ ମନରେ ଏପରି ଗଭୀର ରେଖାପାତ କରିଥିଲା ଯେ ସେ ପରବର୍ତ୍ତୀ କାଳରେ ଡାକ୍ତରୀ ଶିକ୍ଷାରେ ସ୍ନାତକ ଡିଗ୍ରି ହାସଲ କରିବା ସତ୍ତ୍ୱେ ଚିକିତ୍ସା ଛାଡ଼ି ଅଭିନୟରେ ମନୋନିବେଶ କରିଥିଲେ।

ତେବେ ତାହା ହିଁ ତାଙ୍କୁ ଅଧିକ ଲୋକପ୍ରିୟ କରାଇବା ସହ ଆଠ ଥର ଜାତୀୟ ସ୍ତରୀୟ ପୁରସ୍କାର ପାଇବାର ଗୌରବ ଆଣିଦେଇଛି। ତାମିଲନାଡୁର ନୀଳଗିରି ଜିଲ୍ଲା ଅନ୍ତର୍ଗତ କୋଟାଗିରି ଠାରେ ୧୯୯୨ ମେ ୯ ତାରିଖରେ ଜନ୍ମିତ ପଲ୍ଲବୀ ଜଣେ ଶିଶୁ କଳାକାର ଭାବେ ୨୦୦୫ରେ ତାମିଲ ଫିଲ୍ମ 'କସ୍ତୁରୀ ମା' ଓ ୨୦୦୮ରେ 'ଧାମ ଧୁମ୍'ରେ ଦେଖା ଦେଇଥିଲେ। ମାତ୍ର ଦୁଇଟି ଯାକରେ ତାଙ୍କ ଅଭିନୟ ସେପରି ଦର୍ଶକୀୟ ସ୍ୱୀକୃତି ଲାଭ କରିନଥିଲା। କିନ୍ତୁ ତାହା ପଲ୍ଲବୀଙ୍କୁ ସିନେଜଗତରେ ବସା ବାନ୍ଧିବାକୁ ଖୋରାକ ଯୋଗାଇଥିଲା। ସୁଯୋଗକୁ ଜର୍ଜିଆରେ ତାଙ୍କର ମେଡିକାଲ ଶିକ୍ଷା ଚାଲିଥିଲା ବେଳେ ମାଲାୟଲୀ ଫିଲ୍ମ 'ପ୍ରେମମ୍'ର ପ୍ରମୁଖ ଚରିତ୍ରରେ ଅଭିନୟ ପାଇଁ ସୁଯୋଗ ମିଳିଥିଲା। ଏଥିପାଇଁ ସେ ସମ୍ମତି ଜଣାଇ ଛୁଟି ସମୟରେ ସୁଟିଂ ସାରିଥିଲେ। ଏଥିରେ ତାଙ୍କ ପ୍ରଦର୍ଶନ ଏତେ ଉଚ୍ଚକୋଟୀର ହୋଇଥିଲା ଯେ, ଦର୍ଶକ ଏବଂ ସମୀକ୍ଷକମାନେ ତାଙ୍କର ଖୁବ୍ ପ୍ରଶଂସା କରିଥିଲେ।

ଏହା ତାଙ୍କୁ ଶ୍ରେଷ୍ଠ ନବାଗତ ନାୟିକା ଭାବେ ଫିଲ୍ମଫେୟାର ପୁରସ୍କାର ସମେତ ଅନ୍ୟାନ୍ୟ ପାଞ୍ଚଟି ଜାତୀୟ ପୁରସ୍କାର ଆଣିଦେଇଥିଲା। ଏହାପରେ ତାଙ୍କର ଦ୍ୱିତୀୟ ମାଲାୟଲୀ ଫିଲ୍ମ 'କାଲି' କୌଣସି ପୁରସ୍କାର ନଆଣିଲେ ମଧ୍ୟ ଅନୁରୂପ ଦର୍ଶକୀୟ ସ୍ୱୀକୃତି ଦେଇଥିଲା। ସେହିପରି ୨୦୧୭ରେ ସେ ତେଲୁଗୁ ଫିଲ୍ମ 'ଫିଦା'ରେ ପ୍ରଥମ ପଦାର୍ପଣ କରି ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସିପିସି ସିନେ ସମ୍ମାନ ଓ ଫିଲ୍ମଫେୟାର ସମ୍ମାନ ଲାଭ କରିଥିଲେ। ଫଳରେ ଜଣେ ଆଗଧାଡ଼ିର ଅଭିନେତ୍ରୀର ମାନ୍ୟତା ପାଇଥିବା ପଲ୍ଲବୀ ଆଉ ଡାକ୍ତରୀ ପେସା କଥା ନ ବିଚାରି ପଛକୁ ପଛ ବିଭିନ୍ନ ଦକ୍ଷିଣ ଭାରତୀୟ ଭାଷାର ସିନେମା ପରଷି ଚାଲିଲେ। ଏହିପରି ଭାବେ ତେଲୁଗୁ ଫିଲ୍ମ 'କଲମ୍', 'ଲଭ୍ ଷ୍ଟୋରି' ଓ 'ବୀରତା ପର୍ବମ୍' ସମେତ ମାଲାୟଲୀ ଫିଲ୍ମ 'ଆଥିରନ୍' ଏବଂ ତାମିଲ ସିନେମା 'ଦିୟା', 'ମାରି-୨' ଓ 'ପାବ କଧାଇଗାଲ' ଆଦିରେ ତାଙ୍କ ଅଭିନୟର ଯାଦୁକୁ ଦର୍ଶକ ମନଭରି ଉପଭୋଗ କରି ଆସୁଛନ୍ତି। ଚଳିତ ବର୍ଷ ତାଙ୍କର ତାମିଲ ଫିଲ୍ମ 'ଗାର୍ଗୀ' ମୁକ୍ତିଲାଭ କରିବାକୁ ଥିବା ବେଳେ ସେ ଏଥିପାଇଁ ଢେର ଉତ୍ସାହିତ ଅଛନ୍ତି।

# ଫିଲ୍ମ 'ଶେରଦିଲ'ରୁ ବଲିଉଡରେ ଡେବ୍ୟୁ କରିବେ ଅଭିନେତା ପଙ୍କଜ ତ୍ରିପାଠୀଙ୍କ ପତ୍ନୀ



ପଙ୍କଜ ତ୍ରିପାଠୀ ବଲିଉଡର ଜଣେ ଦକ୍ଷ ଅଭିନେତା। ପଙ୍କଜ ଦୀର୍ଘ ସମୟ ଧରି ଇଣ୍ଡଷ୍ଟ୍ରିରେ କାମ କରି ଆସୁଥିଲେ ହେଁ ଟିକେ ବିଳମ୍ବରେ ଲୋକପ୍ରିୟତା ପାଇଥିଲେ। କିନ୍ତୁ ଏବେ ପଙ୍କଜଙ୍କ ନିଆରା ଅଭିନୟ ସମସ୍ତଙ୍କ ମନ କିଣି ପାରିଛି। ସେ ଫିଲ୍ମ ଏବଂ ୱେବ ସିରିଜ ମାଧ୍ୟମରେ ଏବେ ଦର୍ଶକଙ୍କ ପ୍ରିୟ କଳାକାର ହୋଇପାରିଛନ୍ତି। ଏବେ ସେ ନିଜର ଆଗାମୀ ଫିଲ୍ମ 'ଶେରଦିଲ'ର ସୁଟିଂରେ ବ୍ୟସ୍ତ ଥିବା ଜଣାପଡ଼ିଛି। ତେବେ ସବୁଠାରୁ ବଡ଼ କଥା ହେଲା ଫିଲ୍ମ ଶେରଦିଲରୁ ପଙ୍କଜଙ୍କ ପତ୍ନୀ ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି। ପଙ୍କଜ ପ୍ରକାଶ କରିଛନ୍ତି ଯେ ତାଙ୍କ ପତ୍ନୀ ମୃଦୁଲା ତ୍ରିପାଠୀ ଏହି ଫିଲ୍ମ ମାଧ୍ୟମରେ ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏହି ଖବର ଶୁଣିବା ପରେ ପଙ୍କଜଙ୍କ ପ୍ରଶଂସକମାନେ ବହୁତ ଉତ୍ସାହିତ ହୋଇପଡିଛନ୍ତି। ଏପର୍ଯ୍ୟନ୍ତ ପଙ୍କଜଙ୍କ ପତ୍ନୀ କେବଳ ଇଭେଣ୍ଟ ଏବଂ ପୁରସ୍କାର ଶୋ'ରେ ତାଙ୍କ ସହ ନଜର ଆସିଥିବା ବେଳେ ଏବେ ତାଙ୍କ ସହ ଅଭିନୟ କରିବାକୁ ଯାଉଛନ୍ତି। ପଙ୍କଜଙ୍କ କହିବା ମୁତାବକ, ତାଙ୍କ ପତ୍ନୀ ମୃଦୁଲା ଫିଲ୍ମରେ ଅତିଥି କଳାକାର ଭାବରେ ନଜର ଆସିବେ। ଏଥିପାଇଁ ତାଙ୍କୁ କୌଣସି ପାରିଶ୍ରମିକ ମଧ୍ୟ ମିଳିବ ନାହିଁ। ମୋ ପତ୍ନୀଙ୍କ ଭଳି ନିର୍ଦ୍ଦେଶକ ସରଜିତ ମୁଖାର୍ଜୀ ମଧ୍ୟ ବଙ୍ଗାଳୀ ହୋଇଥିବାରୁ ସେ ମୋ ପତ୍ନୀଙ୍କୁ ସେଟକୁ ଡାକି ତାଙ୍କୁ ଏକ ଦୃଶ୍ୟ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଲହା ଶୁଣି ମୋ ପତ୍ନୀ ସଙ୍ଗେ ସଙ୍ଗେ ହଁ କହିଥଲେ । କାରଣ ତାଙ୍କୁ ଫିଲ୍ମରେ ଏକ ସୁନ୍ଦର ବଙ୍ଗଳା ଶାଢ଼ି ପିନ୍ଧିବାର ସୁଯୋଗ ମିଳୁଥିଲା।

# ଯାଆଁଳା ଶିଶୁଙ୍କ ମାଆ ହେଲେ ଗାୟିକା ଚିନ୍ମୟୀ ଶ୍ରୀପଦା



ବଲିଉଡ୍ ଗାୟିକା ଚିନ୍ମୟୀ ଶ୍ରୀପଦା ଏବଂ ଅଭିନେତା ରାହୁଲ ରବିନ୍ଦ୍ରନ୍ ଯାଆଁଳା ଶିଶୁଙ୍କୁ ସ୍ୱାଗତ କରିଛନ୍ତି। ଏକ ଆକର୍ଷଣୀୟ ପୋଷ୍ଟ ସେୟାର କରି ସୋସିଆଲ ମିଡିଆରେ ଏହି ଦମ୍ପତି ବଡ଼ ଖବର ଘୋଷଣା କରିଥିଲେ। ପୃଥକ ପୋଷ୍ଟରେ ସରୋଗେସି ଗୁଜବକୁ ଖଣ୍ଡନ କରି ଚିନ୍ମୟୀ ଲେଖିଛନ୍ତି: ଆମର ଯାଆଁଳା (ପୁଅ ଓ ଝିଅ) ଶିଶୁ ହୋଇଛି ଏବଂ ସେମାନେ ସୁସ୍ଥ ଅଛନ୍ତି। ସେମାନଙ୍କ ନାଁ ରଖାଯାଇଛି 'ଦ୍ରୀପ୍ଟ' ଓ 'ଶାରଭାସ୍'। ସେ ଇନଷ୍ଟାଗ୍ରାମରେ ଅନେକ ବାର୍ତ୍ତା ପାଇଛନ୍ତି ଯେ ସେ ସରୋଗେସି ମାଧ୍ୟମରେ ଯାଆଁଳା ଶିଶୁଙ୍କୁ ସ୍ୱାଗତ କରିଛନ୍ତି କି ନାହିଁ। କାରଣ ସେ ଇନଷ୍ଟାଗ୍ରାମରେ ନିଜର ମାତୃତ୍ୱ ଡାଏରୀର ଚିତ୍ର ପୋଷ୍ଟ ନକରିବାକୁ ପସନ୍ଦ କରିଛନ୍ତି। ଚିନ୍ମୟୀ ଗୋପନୀୟତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସେ ଏହା ମଧ୍ୟ କହିଛନ୍ତି ଯେ ମୋର ବ୍ୟକ୍ତିଗତ ଜୀବନ, ମୋ ପରିବାର, ମୋର ବନ୍ଧୁ ସର୍କଲ ବିଷୟରେ ମୁଁ ସର୍ବଦା ସଜାଗ ରହିବି। ଆମ ପିଲାମାନଙ୍କର ଫଟୋ ସୋସିଆଲ ମିଡିଆରେ କିଛିଦିନ ପାଇଁ ପୋଷ୍ଟ ହେବ ନାହିଁ। ଚିନ୍ମୟୀ ଶ୍ରୀପଦା ଏବଂ ଅଭିନେତା ରାହୁଲ ରବିନ୍ଦ୍ରନ ୨୦୧୪ରେ ବିବାହ କରିଥିଲେ। ଚିନ୍ମୟୀ ଏକାଧାରରେ କଣ୍ଠଶିଳ୍ପୀ, ଟେଲିଭିଜନ ଉପସ୍ଥାପିକା ଏବଂ ରେଡିଓ ଜକି ।

# ମୁହାଁମୁହିଁ ହେବେ ଓଲିଉଡର ଦୁଇ ଷ୍ଟାର ସନ୍ !

ମୁହାଁମୁହିଁ ହେବେ ଓଲିଉଡର ଦୁଇ ଷ୍ଟାରସନ୍। ଏଠାରେ ଦୁଇ ନାୟକଙ୍କ କଥା କୁହାଯାଉଛି, ସେଦୁହେଁ ହେଲେ ଉତ୍ତମ ମହାନ୍ତି-ଅପରାଜିତାଙ୍କ ପୁତ୍ର ବାବୁସାନ୍ ଓ ୰ ମିହିର ଦାସଙ୍କ ପୁଅ ଅମ୍ଲାନ। କହିବାର ତାତ୍ପର୍ଯ୍ୟ ହେଲା ଏଦୁଇ ଲୋକପ୍ରିୟ ନାୟକଙ୍କ ନୂଆ ଓଡ଼ିଆ ସିନେମା ଆଗାମୀ ରଥଯାତ୍ରା ଅବସରରେ ମୁକ୍ତିଲାଭ କରୁଛି। ରଥଯାତ୍ରରେ ପରଦାକୁ ଆସିବ ବାବୁସାନଙ୍କ ଅଭିନୀତ 'ବିଦ୍ୟାରାଣି'। 'ବିଦ୍ୟାରାଣି'ରେ ବାବୁସାନଙ୍କ ନାୟିକା ଭୂମିକାରେ ଅଛନ୍ତି ଶିବାନୀ। ଏଥିରେ ବାବୁସାନ୍-ଶିବାନୀଙ୍କ ବ୍ୟତୀତ ପୁପୁଲ ଭୂୟାଁ ଏବଂ ଯୋଗେଶ ଜୋଜୋ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଓଡ଼ିଆ ସିନେଜଗତର ଲୋକପ୍ରିୟ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ପାଇବେ ସିନେପ୍ରେମୀ। ଜ୍ୟୋତି ଦାସ ଏହି ସିନେମାର ନିର୍ଦ୍ଦେଶକ। 'ବିଦ୍ୟାରାଣି'ର ପ୍ରଯୋଜନା କରୁଛନ୍ତି ନିରଞ୍ଜନ ନାୟକ। ବୈଦ୍ୟନାଥ ଦାଶ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ବାପୁ ଗୋସ୍ୱାମୀ ଏହାର ସଂଳାପ ଲେଖିଛନ୍ତି। ଏଣେ ଅମ୍ଲାନଙ୍କ ନୂଆ ଓଡ଼ିଆ ଛବି 'ଲାଗେ ପ୍ରେମ ନଜର' ଜୁଲାଇ ୧ ତାରିଖରେ ମୁକ୍ତିଲାଭ କରିବ ବୋଲି ଜଣାଯାଇଛି। ଏଥିରେ ଅମ୍ଲାନ ଓ ରାକେଶ ନାୟକ ଭୂମିକାରେ ଥିବା ବେଳେ ରୀୟା, ପ୍ରିୟା ଓ ରାଗିଣୀ ଅଛନ୍ତି ନାୟିକା ଚରିତ୍ରରେ। ଦିଲୀପ ପଣ୍ଡା 'ଲାଗେ ପ୍ରେମ ନଜର'ର ନିର୍ଦ୍ଦେଶକ। ଉକ୍ତ ଚଳଚ୍ଚିତ୍ରର ପ୍ରଯୋଜକ ହେଲେ ବ୍ୟୋମକେଶ। ବୈଦ୍ୟନାଥ ଦାଶ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଦୁଇଟି ଫିଲ୍ମ ଭିନ୍ନ ଭିନ୍ନ ସ୍ୱାଦର ହୋଇଥିବା ବେଳେ କାହାକୁ ଅଧିକ ଦର୍ଶକୀୟ ସମର୍ଥନ ମିଳୁଛି ତାହା ଦେଖିବା କଥା।





# ଧୀରେ ଧୀରେ ଆଗକୁ ବଢୁଛନ୍ତି ସୁନୀଲ ସେଟ୍ଟିଙ୍କ କନ୍ୟା ଆଥିୟା



ଅଭିନେତା ପିତା ସୁନୀଲ ସେଟ୍ଟିଙ୍କ ଉତ୍ତରାଧିକାରରେ ସୁଯୋଗ୍ୟା କନ୍ୟା ଆଥିୟା ଏପରି ଉତ୍ତରଣ ଆଣିଲେ ଯେ ତାହା ଉଭୟ ବାପଝିଅଙ୍କୁ ଗୌରବମଣ୍ଡିତ କରିଛି। ଅଭିନୟର ପାରିବାରିକ ଭିତ୍ତିଭୂମିକୁ ସ୍ଥିର ଚିତ୍ତରେ ପ୍ରୟୋଗ କରି ନିଜ ସାତ ବର୍ଷର ଅଭିନୟ ଜୀବନ ଭିତରେ ମାତ୍ର ଚାରିଟି ଫିଲ୍ମରେ କାମ କରି ସୁଦ୍ଧା ସେ ଚାରି ଚାରି ଥର ଜାତୀୟସ୍ତରୀୟ ପୁରସ୍କାର ହାତେଇବା ତାଙ୍କ ପରାକାଷ୍ଠାର ପ୍ରମାଣ। ମୁମ୍ବାଇରେ ୧୯୯୨ ନଭେମ୍ବର ୫ ତାରିଖରେ ଜନ୍ମିତ ଆଥିୟା ନ୍ୟୁୟର୍କ ଫିଲ୍ମ ଏକାଡେମିରୁ ଅଭିନୟ ପାଠ୍ୟକ୍ରମରେ ସ୍ନାତକ ଡିଗ୍ରି ହାସଲ କରିଥିଲେ। ଏହା ପରେ ନିଖିଳ ଆଡଭାନୀ ନିର୍ଦ୍ଦେଶିତ ୨୦୧୫ର ଫିଲ୍ମ 'ହିରୋ'ରେ ସେ ପ୍ରଥମ ପଦାର୍ପଣ କରିଥିଲେ। ତେବେ ଆଥିୟାଙ୍କ ପ୍ରଦର୍ଶନକୁ ଦର୍ଶକ ସେଭଳି ପ୍ରଶଂସା କରିନଥିଲେ ମଧ୍ୟ ତାଙ୍କୁ ଶ୍ରେଷ୍ଠ ଭରସାଯୋଗ୍ୟ ନବାଗତ ଯୋଡ଼ି ଭାବେ 'ପ୍ରଡ୍ୟୁସର୍ସ ଗିଲ୍‌ଡ ଫିଲ୍ମ' ସମ୍ମାନ ଓ ଶ୍ରେଷ୍ଠ ଉତ୍ତେଜକ ଯୋଡ଼ି ଭାବେ ଆଇଫା ସମ୍ମାନ ମିଳିଥିଲା। ଏହା ପରେ ସେ ଆନ୍ତର୍ଜାତିକ ପ୍ରସାଧନ କମ୍ପାନି ମେବିଲାଇନ୍‌ର ବ୍ରାଣ୍ଡ୍ ଆମ୍ବାସଡର୍ ସାଜିଥିଲେ। ଏପରିକି ସେ କସ୍ମୋପଲିଟାନ୍, ଭଗ୍ ଓ ହାର୍ପର୍ସ ବଜାର ପରି ପ୍ରତିଷ୍ଠିତ ସମ୍ଭ୍ରାନ୍ତ ପତ୍ରିକାର ପ୍ରଚ୍ଛଦ ମଣ୍ଡନ କରିଥିଲେ। କ୍ରମାଗତ ଫିଲ୍ମରେ ଅଭିନୟ କରିବାର ସୁଯୋଗ ଥାଇ ସୁଦ୍ଧା ସେ ସେଥିପ୍ରତି ଲାଳାୟିତ ନହୋଇ ନିଜର ପୋଖତ ଅଭିନୟରେ କିପରି ଅନ୍ୟମାନଙ୍କୁ ବାନ୍ଧି ରଖିହେବ, ସେଥି ପ୍ରତି ଗୁରୁତ୍ୱ ଦେଇଥିଲେ। ଫଳସ୍ୱରୂପ ଏହାର ଦୁଇ ବର୍ଷ ପରେ ହାସ୍ୟରସାତ୍ମକ ଫିଲ୍ମ 'ମୁବାରକାଂ'ରେ ଆଥିୟାଙ୍କୁ ଦେଖିବାକୁ ମିଳିଥିଲା। ଏଥିରେ ତାଙ୍କର ଅପେକ୍ଷାକୃତ ଶାଣିତ ଅଭିନୟ ଆଶାନୁରୂପ ଦର୍ଶକୀୟ ସ୍ୱୀକୃତି ପାଇଥିଲା। ତାଙ୍କର ତୃତୀୟ ଫିଲ୍ମ ୨୦୧୮ର 'ନବାବଜାଦେ'ରେ ତାଙ୍କୁ ମିଳିଥିବା ସଂକ୍ଷିପ୍ତ ସ୍ୱତନ୍ତ୍ର ନୃତ୍ୟଗୀତ ଭୂମିକା ଦର୍ଶକଙ୍କ ମନରେ ଗଭୀର ରେଖାପାତ କରିଥିଲା। ତହିଁ ପରବର୍ଷ ୨୦୧୯ରେ 'ମୋତିଚୂର ଚକମାଚୂର' ଫିଲ୍ମ ତାଙ୍କ ପାଇଁ ମିଶ୍ର ପ୍ରତିକ୍ରିୟା ଆଣିଥିଲା। ତାଙ୍କର ପରବର୍ତ୍ତୀ ଆକର୍ଷଣ ହେଉଛି ଫୁଟବଲ ଖେଳାଳି ଅଫସାନ ଆସିକ୍‌ଙ୍କ ଜୀବନୀ ଉପରେ ଆଧାରିତ ହିନ୍ଦୀ ସିନେମା 'ହୋପ୍ ସୋଲୋ'। ଏଥିରେ ତାଙ୍କୁ ଶୀର୍ଷକ ଭୂମିକା ମିଳିଥିବା ବେଳେ ସେ ଏଥିପାଇଁ ଉତ୍ସାହିତ ହୋଇପଡ଼ିଛନ୍ତି।

# 'ଭୁଲ ଭୁଲେୟା-୨' ବକ୍ସ ଅଫିସରେ କରିଥିବା ଆୟକୁ ନେଇ ପ୍ରଶ୍ନ, ଓଟିଟିରେ ପସନ୍ଦ କରୁନାହାନ୍ତି ଦର୍ଶକ

୨୦୨୨ର ସବୁଠାରୁ ସଫଳ ଚଳଚ୍ଚିତ୍ରରେ 'ଭୁଲ ଭୁଲେୟା-୨'କୁ ଅନ୍ତର୍ଭୁକ୍ତ କରାଯାଇଛି। ଅନେକ ବଡ଼ ବଡ଼ ବଜେଟର ବଲିଉଡ ଫିଲ୍ମ ବକ୍ସ ଅଫିସରେ ସଫଳ ହୋଇପାରିନଥିବା ବେଳେ ୨୦୦କୋଟିରୁ ଅଧିକ ବ୍ୟବସାୟ କରିସାରିଲାଣି ଅଭିନେତା କାର୍ତ୍ତିକ ଆରୟନଙ୍କ ଫିଲ୍ମ। ଏବେ ମଧ୍ୟ ଫିଲ୍ମଟି ଭଲ ଆୟ କରୁଥିବା ବେଳେ ଓଟିଟିରେ ଦର୍ଶକ ଫିଲ୍ମକୁ ପସନ୍ଦ କରୁନଥିବା ଦେଖାଯାଇଛି। ଓଟିଟିରେ ଫିଲ୍ମଟି ରିଲିଜ୍ ହେବା ପରେ ଦର୍ଶକଙ୍କ ମନରେ ଗୋଟିଏ ପ୍ରଶ୍ନ ଆସୁଛି। ବକ୍ସ ଅଫିସରେ ଫିଲ୍ମଟି ଏତେ କୋଟି କେମିତି ଆୟ କଲା ବୋଲି ଲୋକେ ଟ୍ୱିଟ କରି ପ୍ରଶ୍ନ କରିବାରେ ଲାଗିଛନ୍ତି। ଏମିତି କି ଫିଲ୍ମଟି କରିଥିବା ଆୟକୁ ନେଇ ଅନେକ ସନ୍ଦେହ ପ୍ରକାଶ କରିଛନ୍ତି। ଲୋକମାନେ କେବଳ ଫିଲ୍ମକୁ ଖରାପ ବୋଲି କହି ନାହାଁନ୍ତି, କାର୍ତ୍ତିକ ଆରୟନଙ୍କ ଅଭିନୟ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ କହିବାନୁସାରେ, 'ଭୁଲ ଭୁଲେୟା-୨' ଚଳଚ୍ଚିତ୍ରର ଏକମାତ୍ର ଅଭିନେତ୍ରୀ ତବୁ ହିଁ ଭଲ ଅଭିନୟ କରିଛନ୍ତି। ଜଣେ ଟ୍ୱିଟର ବ୍ୟବହାରକାରୀ ଲେଖିଛନ୍ତି ଯେ, ମୁଁ ଜାଣିପାରୁନି ଯେ ଭୁଲ ଭୁଲେୟା-୨ ଦେଖିବା ପରେ କେମିତି ବଞ୍ଚିଛି। ତବୁଙ୍କୁ ଛାଡ଼ିଦେଲେ ଫିଲ୍ମରେ ଦେଖିବା ଭଳି କିଛି ନାହିଁ।

# ଚର୍ଚ୍ଚାରେ ୱେବ୍ ସିରିଜ୍ 'ଗ୍ୟାଙ୍ଗ୍ସ ଅଫ୍ ପୁରୀ', ଓଟିଟି ପ୍ଲାଟଫର୍ମ 'କଂଚାଲଙ୍କା'ରେ ଦର୍ଶକଙ୍କ ମନକିଣୁଛି




ଓଡ଼ିଆ ଚଳଚ୍ଚିତ୍ରରୁ ଓଡ଼ିଆ ଦର୍ଶକ ମୁହଁ ଫେରାଇ ନେଉଥିବା ବେଳେ ୱେବ୍ ସିରିଜ୍ 'ଗ୍ୟାଙ୍ଗ୍ସ ଅଫ୍ ପୁରୀ'ର ଦର୍ଶକୀୟ ଅଦୃତି ବଢ଼ିଚାଲିଛି । ପୁରୀର ବହୁବର୍ଣ୍ଣା ଜୀବନଧାରାର ଭଲ-ମନ୍ଦକୁ ନେଇ ଗଢ଼ି ଉଠିଛି ଏହାର କାହାଣୀ। ଦେଶର ଏହି ପ୍ରାଚୀନ ଐତିହ୍ୟ ସହରର କଳା-ସଂସ୍କୃତି, ଜୀବନଶୈଳୀ ଓ ସ୍ୱାର୍ଥ-ସଂଘର୍ଷର କାହାଣୀ ତୋଳିଧରିଛି 'ଗ୍ୟାଙ୍ଗସ୍ ଅଫ୍ ପୁରୀ'।

ଶ୍ରୀମନ୍ଦିର ପାଇଁ ପୁରୀ ପରିଚୟ ପାଉଥିବା ବେଳେ ପୁରୀର ଜୀବନକୁ ଅତି ସରଳ ଢଙ୍ଗରେ ଓଡ଼ିଆ ଦର୍ଶକଙ୍କ ପାଖରେ ପହଞ୍ଚାଇଛି ଓଟିଟି ପ୍ଲାଟଫର୍ମ 'କଞ୍ଚାଲଙ୍କା'। ପୁରୀ ନିଜର ଧର୍ମୀୟ ପରମ୍ପରା ଓ ସୁନ୍ଦର ବେଳାଭୂମି ପାଇଁ ସମଗ୍ର ବିଶ୍ୱରେ ବେଶ୍ ପରିଚିତ ! ଅନ୍ୟପକ୍ଷରେ କିଛି ଅପରାଧିକ ଗ୍ୟାଙ୍ଗ ପୁରୀକୁ ନିଜ କବ୍ଜାରେ ରଖିବା ପାଇଁ ରକ୍ତର ହୋଲି ଖେଳୁଛନ୍ତି, ଯେଉଁଥି ପାଇଁ ଗଡୁଛି ଗୋଟିଏ ପରେ ଗୋଟିଏ ମୁଣ୍ଡ । ଏହି ସିରିଜରେ ଉଭୟ ପାପ-ପୁଣ୍ୟ, ନ୍ୟାୟ-ଅନ୍ୟାୟ ଓ ଧର୍ମ-ଅଧର୍ମ ପରି ପରସ୍ପରର ପରିପନ୍ଥୀ ସତ୍ୟକୁ ସହଜ ଭାବେ ଦେଖେଇବାକୁ ଚେଷ୍ଟା କରିଛି ପୁରା ଟିମ୍।

ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ କହନ୍ତି, ପୁରୀ ଏକ ପ୍ରାଚୀନ ସହର। ଏହାର ଏଭଳି ଅନେକ ଦିଗ ଅଛି ଯାହା ବହୁଲୋକ ଜାଣିନାହାନ୍ତି। ପୁଣି ପୁରୀ ଏକ ପ୍ରସିଦ୍ଧ ସ୍ଥାନ ତେଣୁ ଆମେ ଭାବିଲୁ କି ପୁରୀର ସଂସ୍କୃତି ଓ ପରମ୍ପରା ଉପରେ ଫୋକସ୍ କରିବୁ। ପୁରୀର ଲୋକସଂସ୍କୃତି ବି ବହୁତ ପୁରୁଣା। ଯେମିତି ପୁରୀର ବୋଲି, ପଙ୍ଗତ, ଅଭଡ଼ା, ଜାଗାଘର ଓ କୁସ୍ତି ପରମ୍ପରା ବି ବେଶ୍ ଆକର୍ଷକ। 'ଗ୍ୟାଙ୍ଗସ୍ ଅଫ୍ ପୁରୀ'ର କାହାଣୀ କେବଳ ଗ୍ୟାଙ୍ଗଙ୍କୁ ନେଇ ନୁହେଁ, ଏଥିରେ ଆହୁରି ଅନେକ ନୂଆ କଥା ରହିଛି। ''ଗ୍ୟାଙ୍ଗସ୍ ଅଫ୍ ପୁରୀ''ର କାହାଣୀ ଏମିତି ଗତିଶୀଳ ହୋଇଛି। ଜନୈକ ବଙ୍ଗାଳୀ ହୋଟେଲ୍ ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ପଡେ ପୁରୀ ବେଳାଭୂମିରେ ଥିବା ମତ୍ସ୍ୟଜୀବୀମାନଙ୍କ ବସ୍ତି ଉପରେ ! ମତ୍ସ୍ୟଜୀବୀମାନଙ୍କୁ ବିସ୍ଥାପିତ କରି ସେଠାରେ ଏକ ହୋଟେଲ୍ ନିର୍ମାଣ କରିବା ପାଇଁ ସେ ଲୋଡନ୍ତି ସ୍ଥାନୀୟ ବିଧାୟକ ରାଜା ବାହିନୀପତିଙ୍କ ସହଯୋଗ ! ହେଲେ ଏହି ଯୋଜନା କାର୍ଯ୍ୟକାରୀ ହେବାରେ ବାଧକ ହୁଏ ପୁରୀ ସହରର ଭଗବାନ ଭାବେ ପରିଚିତ ଗ୍ୟାଙ୍ଗଷ୍ଟାର ବାବୁ ଜେନା । ବସ୍ତି ବାସିନ୍ଦାଙ୍କ ସୁରକ୍ଷା ପାଇଁ ଛିଡା ହୋଇଥିବା ବାବୁ ଜେନା ବିରୁଦ୍ଧରେ ଏକତ୍ର ହୁଅନ୍ତି ଅନ୍ୟ ଗ୍ୟାଙ୍ଗ୍ ଷ୍ଟାର। ବାବୁ ଜେନା ସହ ଆରମ୍ଭ ହୁଏ ଲୋକା ନନା ଆଉ ନିଲୁ ଗ୍ୟାଙ୍ଗର ଗ୍ୟାଙ୍ଗୱାର। ପବିତ୍ର କ୍ଷେତ୍ର ପୁରୀ ଏକ ରକ୍ତାକ୍ତ ରଣକ୍ଷେତ୍ରରେ ପରିଣତ ହୁଏ !ଏଥିରେ ମୁଖ୍ୟ ଭୂମିକାରେ ଅଛନ୍ତି କ୍ରିଷ୍ଣା କର,ଅମନ୍,ଚୌଧୁରୀ ଜୟ ପ୍ରକାଶ ଦାସ୍, ହର ରଥ, ରବି ମିଶ୍ର, ଅଙ୍କିତା ମହାନ୍ତି, ଭକ୍ତି ପ୍ରଣବ ରଥ, ଉଦିତ୍ ଗୁରୁ ଏବଂ ଆହୁରି ଅନେକ୍ କଳାକାର।

କ୍ରାଇମ୍ ଓ ଆକ୍ସନ୍ ଭରା ଏହି ୱେବ୍ ସିରିଜ୍‌ରେ ପୁରୀର ସାହିସାହିରେ ଜନ୍ମ ନେଉଥିବା ଗ୍ୟାଙ୍ଗଷ୍ଟାରମାନଙ୍କ ଜୀବନଯାତ୍ରାକୁ ଖୁବ୍ ନିଖୁଣ ଭାବେ ଦେଖାଯାଇଛି ।ହେଲେ ସଂପୁର୍ଣ୍ଣ କାହାଣୀଟିରେ କେବଳ ରକ୍ତପାତ ନୁହେଁ, ପୁରୀ ସହରର ଆଧ୍ୟାତ୍ମିକତା, ସଂସ୍କୃତି, ପ୍ରଥା-ପରଂପରା ଓ ବେଳାଭୂମିର ଆକର୍ଷକ ଚିତ୍ର ସିରିଜ୍‌କୁ ଅଧିକ ଜୀବନ୍ତ କରି ଦେଇଛି ବୋଲି କହିଛନ୍ତି କଞ୍ଚାଲଙ୍କା"ର ସହ ପ୍ରତିଷ୍ଠାତା ଏବଂ ଚେୟାରମ୍ୟାନ୍ ଅକ୍ଷୟ କୁମାର ପରିଜା। କାହାଣୀକୁ ଆହୁରି ବାସ୍ତବବାଦୀ କରିବା ପାଇଁ ପୁରୀ , କଟକ ଓ ଭୁବନେଶ୍ୱରରେ ସୁଟିଙ୍ଗ କରାଯାଇଛି ପୁରା ସିରିଜ୍ । ସମ୍ପୂର୍ଣ୍ଣ ସିରିଜ ପ୍ରସ୍ତୁତ ହେବାରେ ପାଖାପାଖି ଦୁଇବର୍ଷ ଲାଗିଯାଇଛି। ତେବେ କଞ୍ଚାଲଙ୍କାରେ "ଗ୍ୟାଙ୍ଗସ୍ ଅଫ୍ ପୁରୀ" ଷ୍ଟ୍ରିମିଙ୍ଗ ହେବା ପରେ ଅନେକ ଲୋକ ଏହାକୁ ବିରୋଧ କରିଛନ୍ତି। ୪ ଘଣ୍ଟାର ଏହି ସିରିଜରେ ବହୁ ଅଶ୍ଳୀଳ ଭାଷା ବ୍ୟବହାର କରାଯାଇଥିବା ଅନେକ ଅଭିଯୋଗ କରୁଥିବାବେଳେ ଟିମର କହିବା କଥା ପୁରୀବାସୀ ନିତିଦିନିଆ ଯେଭଳି କଥା ହୁଅନ୍ତି ସେହି ଶବ୍ଦ ହିଁ ବ୍ୟବହାର କରାଯାଇଛି।



# ଅଲିମ୍ପିକ୍ ମୂଲ୍ୟବୋଧ ସମ୍ପର୍କିତ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୨୩/୦୬ (ନି.ପ୍ର): ଆଜି ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ଟ୍ରଷ୍ଟ , ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଅଲିମ୍ପିକ୍ ଫାଉଣ୍ଡେସନ ଫର୍ କଲଚର ଏଣ୍ଡ୍ ହେରିଟେଜ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସହଯୋଗରେ ଅଲିମ୍ପିକ୍ ମୂଲ୍ୟବୋଧ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଗୋପବନ୍ଧୁ ଏକାଡେମୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱରଠାରେ ଉଦ୍‌ଘାଟିତ ହୋଇଯାଇଛି ।

ଏହି ଉଦଘାଟନ କାର୍ଯ୍ୟକ୍ରମରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ଏ ବି ଏଫ୍ ଟିର ଫାଉଣ୍ଡର ଅଭିନବ ବିନ୍ଦ୍ରା, ଆଇଓସିର ସାଧନ କର୍ମୀ ମିସ୍ ଏଫ୍ ଜାମୋଲି ଏବଂ ମିସ୍ ଜେନିଆ କୁର୍ଗୋ ଯୋଭା, ଓସେପାର ଅତିରିକ୍ତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସ୍ୱାଇଁ, ଓସେପାର ଉପନିର୍ଦ୍ଦେଶକ ମହେଶ୍ୱର ସାହୁ ଏବଂ ଅନ୍ୟାନ୍ୟ ସହଯୋଗୀମାନେ ଯୋଗ ଦେଇଥିଲେ ।

ଏହି ଅବସରରେ ଅଭିନବ ବିନ୍ଦ୍ରା ଅଲମ୍ପିକ ମୂଲ୍ୟବୋଧ ସଂପର୍କରେ ନିଜର ଚମତ୍କାର ବକ୍ତବ୍ୟ ରଖିଥିବାବେଳେ ଅନୁପମ ସାହା ଓଡିଶାର ବିଦ୍ୟାଳୟମାନଙ୍କରେ ଅଲମ୍ପିକ ମୂଲ୍ୟବୋଧ ସମ୍ପର୍କିତ ଶିକ୍ଷା କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯିବ ବୋଲି ମତବ୍ୟକ୍ତ କରିଥିଲେ ।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇ ଜୁନ ୨୯ ତାରିଖ ପର୍ଯ୍ୟନ୍ତ ସାତଦିନ ବ୍ୟାପି ଚାଲୁ ରହିବ । ଏଥିରେ ଉଭୟ ତତ୍ତ୍ୱଗତ ତଥା ଅନେକ ଗୁଡିଏ ଆଲୋଚନାମୂଳକ ଅଧିବେଶନ ସାମିଲ କରାଯାଇଛି । ଚଳିତ ଶିକ୍ଷାବର୍ଷରେ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର ତଥା ରାଉରେକଲାର ୯୦ଟି ବିଦ୍ୟାଳୟରେ କାର୍ଯ୍ୟକାରୀ ହେବାର ବ୍ୟବସ୍ଥା ରହିଥିବାବେଳେ ଏଥିରେ ପାଖାପାଖି ୩୨ ହଜାର ଛାତ୍ରଛାତ୍ରୀ ଅଲିମ୍ପିକ ମୂଲ୍ୟବୋଧ ସମ୍ପର୍କିତ ଶିକ୍ଷାଲାଭ କରି ଉପକୃତ ହେବେ ବୋଲି ଆଶା କରାଯାଉଛି । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଓଡ଼ିଶାର ସମସ୍ତ ବିଦ୍ୟାଳୟରେ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ ହେବାର ଲକ୍ଷ୍ୟ ରଖାଯାଇଛି ।

# ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

ମାଲକାନଗିରି,୨୩/୦୬ (ନି.ପ୍ର): ମାଲକାନଗିରି ଜିଲା ଦୌରାଜଜ୍ ରେଖା ପ୍ରସାଦ ଏକ ହତ୍ୟା ମାମଲାର ଶୁଣାଣି କରି ଦୋଷୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୨୦ ହଜାର ଟଙ୍କାର ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡିଛି । ଜରିମାନା ଅନାଦାୟ ଆହୁରି ଏକ ବର୍ଷ ଅଧିକ ଜେଲ ଦଣ୍ଡ ଭୋଗିବାକୁ ରାୟରେ କହିଛନ୍ତି ।

ମାମଲାର ବିବରଣୀରୁ ପ୍ରକାଶ, ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ସାନମୁଣ୍ଡାଗୁଡା ଗ୍ରାମର ସନିଆ ଭୂମିଆ ଓ ବଡମୁଣ୍ଡାଗୁଡା ଗ୍ରାମର ଲଇଖନ ଭୂମିଆଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ରହି ଆସିଥିଲା । ୨୦୧୯ ଜୁଲାଇ ୮ ତାରିଖରେ ସନିଆ ବଡମୁଣ୍ଡାଗୁଡାରେ ଥିବା ସମ୍ପର୍କୀୟ ସାନ ବାପା ହରି ଭୂମିଆଙ୍କ ଘରକୁ ଏକ ବାଇକ୍ରେ ଯାଉଥିବା ବେଳେ ଏହି ସମୟରେ ପୂର୍ବ ଶତ୍ରୁତାକୁ ନେଇ ରାଗ ରଖୁଥିବା ଲଇଖନ ସନିଆଙ୍କୁ ଏକ କୋଦାଳରେ ଆକ୍ରମଣ କରିଥିଲା । ଫଳରେ ସନିଆ ସାନବାପାଙ୍କ ଘର ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡି ଯାଇଥିଲେ । ଏହା ଜାଣିବା ପରେ ସନିଆଙ୍କ ପୁଅ ଦୁର୍ଜନ ଭୂମିଆ ଓ ସମ୍ପର୍କୀୟ ରଘୁନାଥ ଭୂମିଆ ଘଟଣାସ୍ଥଳକୁ ଯାଇ ସନିଆଙ୍କୁ ମାଥିଲି ଚିକିତ୍ସାଳୟକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଦୁର୍ଜନ ସେହିଦିନ ରାତିରେ ମାଥିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ମାଥିଲି ପୋଲିସ ୧୦୫/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଲଇଖନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେବେଠାରୁ ଏହି ମାମଲା ଜିଲା ଦୌରାଜଜଙ୍କ କୋର୍ଟରେ ବିଚାରାଧୀନ ଥିଲା । ୨୨ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି । ମାମଲାକୁ ସରକାରୀ ପିପି ମହିନ୍ଦ୍ର କୁମାର ନାଗ ପରିଚାଳନା କରୁଥିଲେ ।

# ଆନିମିଆ ମୁକ୍ତ ହେବ ସୁକିନ୍ଦା : 'କନ୍ୟା ଏକ୍ସପ୍ରେସ' ଉଦ୍‌ଘାଟିତ



ଯାଜପୁର,୨୩/୦୬ (ନି.ପ୍ର): ଯାଜପୁର ଜିଲ୍ଲା ସୁକିନ୍ଦା ଖଣି ଅଞ୍ଚଳରେ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ପକ୍ଷରୁ କନ୍ୟା ଏକ୍ସପ୍ରେସ ସେବାର ଶୁଭାରମ୍ଭ ହୋଇଛି । କିଶୋରୀମାନଙ୍କ ରକ୍ତହୀନତା ସମସ୍ୟାର ସମାଧାନ ନିମନ୍ତେ ସରକାରଙ୍କ ଦ୍ୱାରା ନିଆଯାଇଥିବା 'ଆନିମିଆ ମୁକ୍ତ ଭାରତ' ପଦକ୍ଷେପକୁ ସାକାର କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନ ତରଫରୁ ଏକ ଅଭିନବ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଭ୍ୟାନ୍ ବା 'କନ୍ୟା ଏକ୍ସପ୍ରେସ'ର ଶୁଭାରମ୍ଭ କରାଯାଇଛି ।

ଏହି ଏକ୍ସପ୍ରେସ ସରକାରୀ ବ୍ୟବସ୍ଥା ମାଧ୍ୟମରେ ନିୟମିତ ଭାବରେ କିଶୋରୀମାନଙ୍କ ହିମୋଗ୍ଲୋବିନ ସ୍ତର ଯାଞ୍ଚ କରିବା ସହ ଆଇରନ ଫଲିକ୍ ଏସିଡ ଓ କୃମିନାଶକ ବଟିକା ବଣ୍ଟନ କାର୍ଯ୍ୟକ୍ରମ କରାଯିବ । ଏଥିସହ ପୁଷ୍ଟିକର ଖାଦ୍ୟ ଓ ସ୍ୱାସ୍ଥ୍ୟ ସଚେତନତା ସଂପର୍କିତ କାର୍ଯ୍ୟକ୍ରମ କରିବ । ଇମ୍ଫାର ବିଜନେସ ୟୁନିଟ ହେଡ୍ କନ୍ୟା ଏକ୍ସପ୍ରେସକୁ ପତାକା ଦେଖାଇ ଶୁଭ ଉଦଘାଟନ କରିଛନ୍ତି । ଇମ୍ଫାର ବରିଷ୍ଠ ଅଧିକାରୀ କନ୍ୟା ଏକ୍ସପ୍ରେସ୍‌ର ଶୁଭ ଉଦ୍‌ଘାଟନ କରୁଛନ୍ତି । ସୁକିନ୍ଦା ବ୍ଲକ ଅନ୍ତର୍ଗତ ୨୫ଟି ପଞ୍ଚାୟତ ବୁଲି କିଶୋରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିବ ଏହି ଆମ୍ବୁଲାନ୍ସ । ବିଶେଷ କରି ଗ୍ରାମୀଣ ଅଞ୍ଚଳରେ ସମସ୍ତ କିଶୋରୀ ଓ ମହିଳାମାନଙ୍କର ହିମୋଗ୍ଲୋବିନ ଟେଷ୍ଟ ସହିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟଜନିତ ଚିକିତ୍ସା କରିବା ନିମନ୍ତେ ଏହି କନ୍ୟା ଏକ୍ସପ୍ରେସ ସହାୟକ ହେବ ।

ସୁକିନ୍ଦାର କିଶୋରୀମାନଙ୍କୁ ଆନିମିଆମୁକ୍ତ କରିବାକୁ ବିଆଇପିଏଫ ଓ ଇମ୍ଫା ତରଫରୁ କନ୍ୟା ଏକ୍ସପ୍ରେସ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ବ୍ଲକର ୨୫ ପଞ୍ଚାୟତରେ ୨ଟି ଭ୍ୟାନ ବୁଲିବ । ଏହା ମାଧ୍ୟମରେ କିଶୋରୀମାନଙ୍କ ହିମୋଗ୍ଲୋବିନ ସ୍ତର, ବିଏମଆଇ ଇଣ୍ଡେକ୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାକୁ ଟ୍ରାକ୍ କରାଯିବ । ଏହି କାର୍ଯ୍ୟକ୍ରମ ଦୀର୍ଘ ୧୧ ମାସ ପର୍ଯ୍ୟନ୍ତ ଚାଲିବ । ଏହାପରେ କିଶୋରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ସରକାରୀ ହସ୍ପିଟାଲ ସହ ମିଶି ସେମାନଙ୍କୁ ମେଡ଼ିସିନ ଯୋଗାଇ ଦିଆଯିବ ବୋଲି ଇମ୍ଫାର ବରିଷ୍ଠ ଅଧିକାରୀ ସନ୍ଦୀପ ବାପୁରାଓ କହିଛନ୍ତି ।

# ସାକ୍ଷୀ ଦେଇ ହିନସ୍ତା ହେଲେ : ଜେଲ୍‌ରୁ ମୁକୁଳି ଘରେ ପଶି ପିଟିଲା ଅଭିଯୁକ୍ତ

ସାଲେପୁର,୨୩/୦୬ (ନି.ପ୍ର): ସାକ୍ଷୀ ଦେଇ ହିନସ୍ତା ହେଲେ । ଜେଲ୍‌ରୁ ଫେରିଥିବା ଅଭିଯୁକ୍ତଙ୍କ ଆକ୍ରମଣର ଶିକାର ହେଲେ ସାକ୍ଷୀଙ୍କ ପରିବାର । ଏବେ ସାକ୍ଷୀମାନେ ଛାନିଆ ହୋଇ ନିଜ ସୁରକ୍ଷା ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଏପରି ଘଟଣା ଘଟିଛି କଟକ ଜିଲ୍ଲା ସାଲେପୁର ଥାନା ଅଧୀନ ରାଇସୁଙ୍ଗୁଡା ଗାଁରେ । ପ୍ରାୟ ମାସେ ପୂର୍ବେ ରାଇସୁଙ୍ଗୁଡା ଗାଁର ରବୀନ୍ଦ୍ର ମହାନ୍ତିଙ୍କ ଫୋନ୍‌ରୁ ଗାଁର ଅନ୍ୟ ଜଣେ ମହିଳାଙ୍କ ଫୋନକୁ ଭୁଲ୍‌ରେ ଏକ ମେସେଜ ଚାଲିଯାଇଥିଲା । ଏହାକୁ କେନ୍ଦ୍ର କରି ଗାଁରେ ତୁମ୍ବିତୋଫାନ ହୋଇଥିଲା । ଯେଉଁ ମହିଳାଙ୍କ ମୋବାଇଲକୁ ମେସେଜ ଯାଇଥିଲା, ତାଙ୍କ ସମ୍ପର୍କୀୟ ଆଶିଷ ମହାନ୍ତି ଓ ସହଯୋଗୀ ରବୀନ୍ଦ୍ର ଓ ତାଙ୍କ ସ୍ତ୍ରୀଙ୍କୁ ଖୁଣ୍ଟରେ ବାନ୍ଧି ବାଡ଼େଇଥିଲେ ।

ଏହି ସବୁ ଘଟଣା ଗାଁର ଶୁକଦେବ ବିଶ୍ୱାଳଙ୍କ ଘର ସାମନାରେ ହୋଇଥିଲା । ତେଣୁ କଥା ଥାନାକୁ ଯିବା ପରେ ଶୁକଦେବ ବିଶ୍ୱାଳ ସାକ୍ଷୀ ହୋଇଥିଲେ । ଏହି ଘଟଣାରେ ପୁଲିସ୍ ଆଶିଷଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ପ୍ରାୟ ମାସେ ପରେ ଗିରଫ ଅଭିଯୁକ୍ତ ଆଶିଷ ଜେଲ୍‌ରୁ ମୁକୁଳିଥିଲେ । ଏହାପରେ ସେ ନିଜ ରାଗ ସାକ୍ଷୀ ଶୁକଦେବଙ୍କ ପରିବାର ଉପରେ ଶୁଝାଇଥିଲେ । ଗତକାଲି ସନ୍ଧ୍ୟା ସମୟରେ ନିଜର ଜଣେ ସହଯୋଗୀଙ୍କ ସହ ସେ ଶୁକଦେବଙ୍କ ଘରେ ପହଞ୍ଚିଥିଲେ । ଉକ୍ତ ସମୟରେ ଘରେ ଥିବା ମହିଳାମାନଙ୍କୁ ସେମାନେ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ । ଏଥିସହ ସେମାନେ ପିନ୍ଧିଥିବା ସୁନାଗହଣା ଛିଣ୍ଡାଇ ନେଇଯାଇଥିବା ଅଭିଯୋଗ ହୋଇଛି । ଏନେଇ ଶୁକଦେବଙ୍କ



ପରିବାର ଲୋକେ ଗତକାଲି ରାତିରେ ସାଲେପୁର ଥାନାରେ ଅଭିଯୋଗ କରିଛନ୍ତି । ଅନ୍ୟ ପଟେ ଘଟଣା ପରଠୁ ରବୀନ୍ଦ୍ର ଓ ତାଙ୍କ ପତ୍ନୀ ଗାଁ ଯାଇ ନ ପାରି ପିଲା ଛୁଆଙ୍କୁ ଛାଡ଼ି ବାହାରେ ରହୁଥିବା ରବୀନ୍ଦ୍ର ଅଭିଯୋଗ ଆଣିଛନ୍ତି । ଏବେ ଆଶିଷ ଜେଲ୍‌ରୁ ମୁକୁଳି ସାରିଥିବାରୁ ରବୀନ୍ଦ୍ରଙ୍କ ପରିବାର ଓ ସାକ୍ଷୀଙ୍କ ପରିବାର ସାଲେପୁର ଥାନାର ପୁନଃ ଦ୍ୱାରସ୍ଥ ହୋଇ ନ୍ୟାୟ ସହ ସୁରକ୍ଷା ମାଗିଛନ୍ତି । ଏହି ଘଟଣା ପରେ ଅଭିଯୁକ୍ତ ଆଶିଷ ଫେରାର ହୋଇଯାଇଥିବା ବେଳେ ପୁଲିସ୍‌ର ପ୍ରତିକ୍ରିୟା ମିଳିପାରିନି ।

# ସ୍ୱାମୀର କୁରାଢ଼ି ଚୋଟରେ ସ୍ତ୍ରୀର ମୃତ୍ୟୁ : ସ୍ୱାମୀ ଥାନାରେ ଅଟକ



ଗରଦପୁର,୨୩/୦୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ତେଣ୍ଡାକୁଡ଼ା ମୁସଲିମ ବସ୍ତିରେ ଏକ ଅଭାବନୀୟ ଘଟଣା ଘଟିଛି । ସ୍ୱାମୀର କୁରାଢ଼ି ଚୋଟରେ ସ୍ତ୍ରୀର ମୃତ୍ୟୁ ହୋଇଛି । ତେଣ୍ଡାକୁଡ଼ା ଇଦଗା ପଛପଟ ସେକ୍ ମହଲାର ମନାନ ଅଲୀ (୫୦) ଗତକାଲି ବିଳମ୍ବିତ ରାତିରେ (ରାତି ପ୍ରାୟ ୧.୩୦ ରୁ ୨ ଟା ମଧ୍ୟରେ ) ଶୋଇଥିବା ଅବସ୍ଥାରେ ନିଜ ସ୍ତ୍ରୀ ପ୍ୟାରୁଲ ବିବି (୪୫)ଙ୍କୁ କୁରାଢ଼ିରେ ହାଣି ହତ୍ୟା କରିଛି । ଖବର ପାଇ ପାଟକୁରା ପୁଲିସ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ମନାନକୁ ପାଟକୁରା ଥାନାରେ ଅଟକ ରଖିଛି । ହାଣିଥିବା ରକ୍ତଲଗା କୁରାଢ଼ୀ ସେହି ଘର ମଧ୍ୟରେ ରହିଛି । ସାଇଣ୍ଟିଫିକ୍ ଟିମ ଆସିଲେ ତଦନ୍ତ ଆଗେଇବ ବୋଲି ପାଟକୁରା ଥାନା ଆଇଆଇସି ସରୋଜ ସାହୁ କହିଛନ୍ତି । ତେବେ ପଡ଼ୋଶୀଙ୍କ ଠାରୁ ମନାନର ମୁଣ୍ଡ ଖରାପ ବୋଲି ସୂଚନା ମିଳିଛି । ପୂର୍ବରୁ ସେ ନିଜେ ଦଇଡ଼ି ଦେଇଥିଲା, ନିଜ ଘରେ ନିଆଁ ଲଗାଇଥିଲା ବୋଲି ପଡ଼ୋଶୀ କହନ୍ତି । ତେବେ ସେ ମୁଲ ମଜୁରୀ ଲାଗି ପରିବାର ପ୍ରତିପୋଷଣ କରନ୍ତି । ତାଙ୍କର ୧୫, ୨୦ ଓ ୨୨ ବର୍ଷର ୩ ଟି ପୁଅ ଅଛନ୍ତି । ହତ୍ୟାର ପ୍ରକୃତ କାରଣ ଜଣାପଡ଼ିନାହିଁ ।

# ମେଡିସିନ ଷ୍ଟୋରରୁ ଚୋରି

ଭବାନୀପାଟଣା,୨୩/୦୬ (ନି.ପ୍ର): କଳାହାଣ୍ଡି ଜିଲ୍ଲାର ବୋରଡ଼ା ଫାଣ୍ଡି ଅଂଚଳ ବୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ଜଗଦମ୍ବା ମେଡିସିନ ଷ୍ଟୋରରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଗତକାଲି ମେଡିସିନ ଷ୍ଟୋରର ମାଲିକ ସନ୍ତୋଷ ଅଗ୍ରୱାଲ କାମ ସାରି ରାତି ପ୍ରାୟ ୯ଟା.୧୦ ମିନିଟରେ ଦୋକାନ ତାଲା ଦେଇ ଘରକୁ ଯାଇଥିଲେ, ଆଜି ସକାଳ ପ୍ରାୟ ୭ଟା.୩୦ ମିନିଟରେ ଦୋକାନ ଖୋଲିବାକୁ ଆସିଥିଲେ । ଦୋକାନ ଖୋଲିବାରୁ ଦେଖିଲେ ଯେ ପଛପଟ ସଟରକୁ ଖୋଲାଯାଇଛି, ଏହା ପରେ ଦେଖିଲେ ଯେ ରେଂକ ରେ ଥିବା ପ୍ରାୟ, ୬୭ ହଜାର ଟଙ୍କା ଚୋରି ସହ ଲକ୍ଟୋ ଡେକ୍ସ ପ୍ରାୟ ୫ ହଜାରର ମୂଲ୍ୟ ହେବ ଚୋରି ହୋଇଛି । ଏହା ପରେ ବୋରଡ଼ା ପୋଲିସଙ୍କୁ ଜଣାଇ ଥିଲେ ଏବଂ ବୋରଡ଼ା ଫାଣ୍ଡି ଅଧିକାରୀ ଟୁନା ସେଠି ସଦଳବଳେ ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଛନ୍ତି । ପ୍ରକାଶ ଥାଉକି, ଏହି ଅଂଚଳରେ ଏହିପରି ଅନେକ ଥର ଚୋରି, ଡକାୟତି, ମୋବାଇଲ, ମୋଟର ସାଇକେଲ ଲୁଟ, ଗୁଣ୍ଡାଗର୍ଦ୍ଦି ହୋଇଥିଲେ ମଧ୍ୟ ପୋଲିସ କୌଣସି ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରିନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଏହି ମେଡିକାଲର କିଛି ଦୂରରେ ଦୁଇ ଗୋଟି ମଦ ଭାଟି ଦେଶୀ ଓ ବିଦେଶୀ ରହିଛି । ତେଣୁ ପ୍ରତିଦିନ ବିଳମ୍ବିତ ରାତି ଯାଏ ଏଠାରେ ଅସାମାଜିକ ବ୍ୟକ୍ତିବିଶେଷଙ୍କ ରାଜୁତି ଚାଲେ । ଫଳରେ ଏହି ଅଂଚଳ ଏକ ଅଶାନ୍ତ ବାତାବରଣ ସ୍ଥିତିରେ, ଜନସାଧାରଣ ଅସ୍ତ ବ୍ୟସ୍ତ । ଏପରି ସ୍ଥିତିରେ ପୋଲିସ ପ୍ରଶାସନ ପୂର୍ଣ୍ଣ ମାତ୍ରାରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# କାମରେ ଲାଗୁନି ବିଧାନସଭା ଅତିଥି ଭବନ; ମାଡ଼ି ବସିଛନ୍ତି ଠିକାଦାର, ରାତି ଗଡ଼ିଲେ ଜମୁଛି ନିଶାଡ଼ିଙ୍କ ଆଡ଼ା

ପୁରୀ ,୨୩/୦୬ (ନି.ପ୍ର): ଜବରଦଖଲରେ ପୁରୀର ବିଧାନସଭା ଅତିଥି ଭବନ । ଜୋର ଜବରଦସ୍ତ ଏହି ଭବନକୁ ମାଡ଼ି ବସିଛନ୍ତି ଠିକାଦାର । ଚାବି ବି ଠିକାଦାର ହାତରେ । ପରିସ୍ଥିତି ଏପରି ହୋଇଛି ଯେ ଠିକାଦାରଙ୍କ ଇଛା ହେଲେ ବିଧାନସଭା ଅତିଥି ଭବନ ଖୋଲୁଛି । ନଚେତ୍ ୨୪ ଘଣ୍ଟା ତାଲା ଝୁଲୁଛି । ପୁରୀ ଛାତି ଉପରେ ଥିବା ଏହି ବିଧାନସଭା ଅତିଥି ଭବନର ଏଭଳି ସ୍ଥିତି ଏବେ ସ୍ଥାନୀୟ ଜନସାଧାରଣଙ୍କୁ ବି ଆନ୍ଦୋଳିତ କରିଛି । ଅନ୍ୟପଟେ ଠିକାଦାର ବର୍ଷ ବର୍ଷ ଧରି ନିଜ ଦଖଲରେ ଏହି ଅତିଥି ଭବନକୁ ରଖିଥିବା ବେଳେ ପ୍ରଶାସନ ବି ଏ ଦିଗରେ ନିରବ ରହିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ସେପଟେ ରାତି ଗଡ଼ିଲେ, ଏଠାରେ ନିଶାଡ଼ିଙ୍କ ଭିଡ଼ ଜମୁଛି । ମଦର ଆସର ଜମୁଥିବା ଅଭିଯୋଗ ହୋଇଛି । ଶ୍ରୀକ୍ଷେତ୍ର ପୁରୀ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ପାଇଥିବାରୁ ପୁରୀ ବୁଲି ଆସୁଥିବା ଅବା କୌଣସି ସଭାସମିତିରେ ଯୋଗଦେବାକୁ ଆସିବାବେଳେ ରାଜ୍ୟର ବିଧାୟକ, ମନ୍ତ୍ରୀମାନଙ୍କ ରହଣୀ ପାଇଁ ବିଧାନସଭା ଅତିଥି ଭବନର ପରିକଳ୍ପନା କରାଯାଇଥିଲା । ପେଣ୍ଠକଟାଠାରେ ଜାଗା ଚିହ୍ନଟ ପରେ ବିସ୍ତୃତ ଜାଗାରେ ବିଧାନସଭା ଅତିଥି ଭବନ ନିର୍ମାଣ ହେଲା ପରେ ରକ୍ଷଣାବେକ୍ଷଣ ଅଭାବରୁ ଚୋରମାନେ ପଶି ଏଠାରୁ ଦାମୀ ଏସି, ଫ୍ୟାନ୍ ଆଦି ଚୋରି କରିନେଲେ । କେହି କେହି ଅଭିଯୋଗ କଲେ ଠିକାଦାର ଟଙ୍କା ନ ପାଇବାରୁ ଏଭଳି ନାଟକ ରଚିଲେ । ସେ ଯାହା ବି ହେଉନା କାହିଁକି ୨୦୧୮ ମସିହାରେ ଏହା ଖବର ପ୍ରକାଶ ପାଇବା ପରେ ବିଧାନସଭାରେ ତମ୍ବିତୋଫାନ ହେଲା । ବିରୋଧୀ ଦଳ ନେତା ତଥା ବିଧାୟକ ନରସିଂହ ମିଶ୍ର ଏହି ପ୍ରସଙ୍ଗ ବିଧାନସଭାରେ ଉଠାଇ ରକ୍ଷଣାବେକ୍ଷଣ ଦାବି କଲେ । ପରେ ତିନିଟି ପର୍ଯ୍ୟାୟରେ ଏହି ଅତିଥି ଭବନ ପିଛା ପ୍ରାୟ ଅଧ କୋଟି ଟଙ୍କା ଖର୍ଚ୍ଚ କରାଗଲା । ଭଙ୍ଗା କୋଠାକୁ ନୂଆ ରୂପ ଦିଆଗଲା । ଅତିଥି ଭବନ ଭିତରେ ୪ଟି ରହଣୀ କକ୍ଷ ସହ ଖୋଲା ପଡ଼ିଆ ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଗଲା । ପୁଣିଥରେ ଦାମୀ ଏସି, ଫ୍ୟାନ୍ ଆଦି ଲାଗିଲା । ଏ ଭିତରେ କୋଠା ନୂଆ ରୂପ ପାଇବା ବର୍ଷେ ବିତିଲାଣି । କିନ୍ତୁ ଏବେ ବି କୋଠାର ପୁନରୁଦ୍ଧାର ଟେଣ୍ଡର କାମ ନେଇଥିବା ଠିକାଦାର ଏହାକୁ ନିଜ ଦଖଲରେ ରଖିଛନ୍ତି । ଠିକାଦାର ବି ଠିକା କାର୍ଯ୍ୟ ଓ ନିଜ ବ୍ୟକ୍ତିଗତ କାମରେ ଲଗାଉଥିବା ଗାଡ଼ି, ଯନ୍ତ୍ରାଂଶ ଏହା ଭିତରେ ରଖିଛନ୍ତି । ଏ ସଂପର୍କରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଅଜିତ କୁମାର ମହାପାତ୍ର କହିଛନ୍ତି, ମୋ ପୂର୍ବରୁ ଥିବା ନିର୍ବାହୀ ଯନ୍ତ୍ରୀ ଦୁଇଥର ଏହି କୋଠା ହସ୍ତାନ୍ତର ଉପରେ ବିଧାନସଭା କର୍ତ୍ତୃପକ୍ଷଙ୍କୁ ଚିଠି କରିଥିଲେ । କିନ୍ତୁ କୌଣସି ଫଳ ମିଳିନି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

# କନ୍ଧମାଳବାସୀଙ୍କୁ କେବେ ମିଳିବ ମହାନଦୀ ପାଣି ?

ଫୁଲବାଣୀ ,୨୩/୦୬ (ନି.ପ୍ର): ମରୁଡ଼ିପ୍ରବଣ କନ୍ଧମାଳ ଭଳି ଉଚ୍ଚ ପାର୍ବତ୍ୟାଞ୍ଚଳରେ ଜଳ ସଂକଟ ଏକ ପ୍ରମୁଖ ସମସ୍ୟା । ବି ?ଶେଷ କରି ଗ୍ରୀଷ୍ମ ଋତୁରେ ଜିଲ୍ଲାର ବିଭିନ୍ନ ସହରାଞ୍ଚଳରେ ପାନୀୟ ଜଳ ସଂକଟ ଉତ୍କଟ ହୋଇଥାଏ । ପାଣି ଟୋପାଏ ପାଇଁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଥାଏ । ମହିଳା ମାନଙ୍କୁ ପାଣି ଗରାଏ ପାଇଁ ଟେପ୍ ସାମ୍ନାରେ ଘଣ୍ଟା ଘଣ୍ଟା ଧରି ଧାଡ଼ି ଲଗାଇବାକୁ ପଡ଼େ । ସେହିପରି କିଛି ମହିଳା ପାଣି ଆଣିବା ପାଇଁ କିଲୋମିଟର ବ୍ୟାପୀ ଚାଲିଥାନ୍ତି । ଏହି ସମସ୍ୟା ବର୍ଷ କିମ୍ବା ଦୁଇ ବର୍ଷର ନୁହେଁ । ଦୀର୍ଘ ଦଶନ୍ଧି ହେଲା ଜିଲ୍ଲାରେ ଏହି ସମସ୍ୟା ଲାଗି ରହିଛି ।

ଏ ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ଓ ଅନେକ ଦାବି ପରେ ଜିଲ୍ଲାର ଜଳକଷ୍ଟ ଦୂର ପାଇଁ କେନ୍ଦ୍ର ସରକାର ଅଣ୍ଟା ଭିଡ଼ିଥିଲେ । 'ଜଳ ଜୀବନ ମିସନ' ପ୍ରକଳ୍ପରେ ୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ 'ବୃହତ୍ କନ୍ଧମାଳ ଜଳ ଯୋଗାଣ ପ୍ରକଳ୍ପ'ର ପରିକଳ୍ପନା କରାଯାଇଥିଲା । ଏହି ପ୍ରକଳ୍ପ ମାଧ୍ୟମରେ ବୌଦ୍ଧ ଜିଲ୍ଲାର ମହାନଦୀର ଜଳକୁ କନ୍ଧମାଳ ଜିଲ୍ଲାବାସୀଙ୍କ ନିକଟରେ ସୁବିଧାରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ୨୦୨୧ ନଭେମ୍ବର ୨ ତାରିଖରେ ଉକ୍ତ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା । ଏହାକୁ ୨୦୨୩ ନଭେମ୍ବର ସୁଦ୍ଧା ଶେଷ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା । ଚିର କାଳ ଧରି ଜଳକଷ୍ଟ ଭୋଗି ଆସୁଥିବା କନ୍ଧମାଳ ଜିଲ୍ଲାବାସୀଙ୍କ ପାଇଁ ଏହି



ପ୍ରକଳ୍ପର ପରିକଳ୍ପନା ଖୁସି ଖବର ଆଣିଥିଲା । ଲୋକେ ଖୁସିରେ ଆତ୍ମହରା ହୋଇ ପଡ଼ିଥିଲେ । ତେବେ ବର୍ତ୍ତମାନ ସ୍ଥିତିରେ ଯେଉଁ ମନ୍ଥର ଗତିରେ କାମ ଚାଲିଛି ତାହା ଲୋକଙ୍କ ଖୁସିରେ ଭଟ୍ଟା ଆଣିଛି । କାମ ଶେଷ ହେବା ପାଇଁ ୨୦୨୫ ଲାଗିଯିବ ବୋଲି ବୁଦ୍ଧିଜୀବୀ ତଥା ସମୀକ୍ଷକ ମାନେ କହିଛନ୍ତି ।

୪୦୦ କୋଟି ଟଙ୍କାର ଏହି ମେଗା ପ୍ରକଳ୍ପର କାର୍ଯ୍ୟ ଏଲ୍‌ଆଣ୍ଡଟି ଠିକା ସଂସ୍ଥା ନେଇଛି । କନ୍ଧମାଳ ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଏହାର ତଦାରଖ କରୁଛି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଜିଲ୍ଲାର ଫୁଲବାଣୀ ଉପଖଣ୍ଡ ଅଧୀନ ଫୁଲବାଣୀ, ଖଜୁରୀପଡ଼ା, ଫିରିଙ୍ଗିଆ ଏବଂ ଚକାପାଦ ବ୍ଲକର ଜନସାଧାରଣଙ୍କୁ ପାନୀୟ ଜଳ ମିଳିପାରିବ । ଖଜୁରୀପଡ଼ା ବ୍ଲକର ୧୩ ଟି ପଞ୍ଚାୟତ, ଫୁଲବାଣୀ ବ୍ଲକର ୧୧, ଫିରିଙ୍ଗିଆ ବ୍ଲକର ୧୨ ଏବଂ ଚକାପାଦ ବ୍ଲକର ୫ଟି ପଞ୍ଚାୟତର ମୋଟ ୪୭୫ ଗାଁର ୯୧ ହଜାର ଲୋକେ ଲାଭବାନ ହୋଇପାରିବେ ।

# ୭୫ ଲକ୍ଷ ଟଙ୍କାର ଗଞ୍ଜେଇ ବୋଝେଇ ଦୁଇଟି ଟ୍ରକ ଜବତ : ୩ ଗିରଫ

ଜୟପୁର,୨୩/୦୬ (ନି.ପ୍ର): ନନ୍ଦପୁର ଏବଂ ମାଛକୁଣ୍ଡ ପୋଲିସକୁ ବଡ ସଫଳତା । ଗୋଟିଏ ରାତିରେ ଗଞ୍ଜେଇ ବୋଝେଇ ଦୁଇଟି ଟ୍ରକ ସହ ୩ଜଣଙ୍କୁ ଗିରଫ କରିଛି ନନ୍ଦପୁର ଏବଂ ମାଛକୁଣ୍ଡ ପୋଲିସ । ବିଶେଷ ସୂତ୍ରରୁ ଖବର ପାଇ ନନ୍ଦପୁର ଏସଡିପିଓଙ୍କ ନେତୃତ୍ୱରେ ନନ୍ଦପୁର ପୋଲିସ ଖିଲିବା ଛକ ନିକଟରେ ନାକାବନ୍ଦି କରିଥିଲା । ହେଲେ ପୋଲିସର ବେରିକେଟ ଭାଙ୍ଗି ଟ୍ରକଟି ଦ୍ରୁତ ଗତିରେ ଚାଲିଯାଇଥିଲା । ପୋଲିସ ପିଛା କରି ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଟ୍ରକଟିକୁ ଅଟକାଇବାରେ ସଫଳ ହୋଇଥିଲା । ଟ୍ରକକୁ ଯାଂଚ୍ କରିବାରୁ ସେଥିରେ ବିପୁଳ ପରିମାଣର ଗଞ୍ଜେଇ ଥିଲା । ଏବଂ ଦୁଇ ଅନ୍ତରାଜ୍ୟ ଗଞ୍ଜେଇ ମାଫିଆଙ୍କୁ ମଧ୍ୟ କାବୁ କରିଥିଲା ପୋଲିସ । ଟ୍ରକରେ ୨୧ ଟି ବସ୍ତାରେ ପ୍ରାୟ ୫ କ୍ୱିଂଟାଲ ଗଞ୍ଜେଇ ଥିବାବେଳେ ଏହାର ମୂଲ୍ୟ ୫୦ ଲକ୍ଷ ହେବ ବୋଲି ପୋଲିସ କହିଛି । ଏହି ଗଞ୍ଜେଇ ପାଡୁଆ ଅଂଚଳରୁ ରାଜସ୍ଥାନକୁ ଚୋରା ଚାଲାଣ ହେଉଥିଲା । ଗିରଫ ବ୍ୟକ୍ତି ଦୁଇ ଜଣ ଉତ୍ତରପ୍ରଦେଶର ପ୍ରେପାଲ ସିଂ ଏବଂ ଦେବେନ୍ଦ୍ର ସିଂ ବୋଲି ଜଣାପଡିଛି । ସେହିଭଳି ମାଛକୁଣ୍ଡ ପୋଲିସକୁ ଖବର ମିଳିଥିଲା ସୁରୁମି ଗ୍ରାମରୁ ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ହେବା ନେଇ । ମାଛକୁଣ୍ଡ ଏବଂ ଲମତାପୁଟ ପୋଲିସ ମିଳିତ ଭାବରେ ବାଙ୍ଗୁରପଡା ଛକ ନିକଟରେ ନାକାବନ୍ଦୀ କରିଥିଲେ । ଦ୍ରୁତ ଗତିରେ ଆସୁଥିବା ଟ୍ରକକୁ ଅଟକାଇବା ଦେଖି ଅନ୍ଧାରର ସୁଯୋଗ ନେଇ ଡ୍ରାଇଭର ଏବଂ ମାଫିଆ ଫେରାର ହୋଇଯାଇଥିବା ବେଳେ ସହଯୋଗୀକୁ କାବୁ କରିନେଇଥିଲା ପୋଲିସ । ଗାଡିକୁ ଯାଞ୍ଚ କରିବାରୁ ୮ ଟି ବସ୍ତାରେ ଅଢେଇ କ୍ୱିଂଟାଲ ଗଞ୍ଜେଇ ରହିଥିଲା । ଯାହାର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି । ଗିରଫ ବ୍ୟକ୍ତି ଜଣକ ସୁର୍ମୀ ଗ୍ରାମର ଧନେସ ସୀସା ବୋଲି ଜଣାପଡିଛି ।

# ଭୁବନ ପଂଚାୟତ ସମିତିର ସାଧାରଣ ବୈଠକ

ଭୁବନ,୨୩/୦୬ (ନି.ପ୍ର): ଭୁବନ ପଂଚାୟତ ସମିତିର ତୃତୀୟ ସାଧାରଣ ବୈଠକ ବ୍ଲକ ସଭାଗୃହ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି,ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବିଡିଓ ଆଶୀର୍ବାଦ ପରିଡା,ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଉପାଧ୍ୟକ୍ଷା ସରୋଜିନୀ ଦ୍ୱିବେଦୀ , ସାଂସଦ ପ୍ରତିନିଧି ଜିତେନ୍ଦ୍ର ରାଉତଙ୍କ ସମେତ ସମସ୍ତ ପଂଚାୟତ ପ୍ରତିନିଧି ଉପସ୍ଥିତ ଥିଲେ । ଆଜିର ବୈଠକରେ ପାନୀୟଜଳ, ପରିମଳ, କୃଷି ,ସ୍ୱାସ୍ଥ୍ୟ,ଶିକ୍ଷା,ନରେଗା ,ରାସନକାର୍ଡ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ସମାଧାନ ପାଇଁ ବିଭାଗୀୟ କର୍ମଚାରୀ ଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା ।

## କିଶୋର ନ୍ୟାୟ ଓ ପୋକସୋ ଦୁଇଦିନିଆ କର୍ମଶାଳା ଉଦ୍‌ଯାପିତ

ଭଦ୍ରକ, ୨୩/୦୬ (ନି.ପ୍ର): ଜିଲ୍ଲା ପୋଲିସ କାର୍ଯ୍ୟାଳୟ ପରିସରରେ ଦୁଇଦିନ ବ୍ୟାପି ଶିଶୁ (କିଶୋର ନ୍ୟାୟ, ପୋକସୋ) ଆଇନ ଓ ଅନ୍ୟାନ୍ୟ ଆଇନ ସଂପର୍କିତ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧକ୍ଷ ଯତୀନ କୁମାର ପଣ୍ଡା, ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଡ. ସୁଦର୍ଶନ ବାରିକ, ଡି.ଏସ୍.ପି.ଏଚ୍.ଆର.ପି.ସି. ଶ୍ରୀନିବାସ ମହାନ୍ତି ପ୍ରମୁଖ ଯୋଗଦାନ କରି ଦ୍ୱିତୀୟ ଓ ଉଦ୍‌ଯାପନୀ ଦିବସର ଅଂଶଗ୍ରହଣକାରୀ ମାନଙ୍କୁ କର୍ମଶାଳାର ସାରତତ୍ତ୍ୱ ଅଭିଭାଷଣ ପ୍ରଦାନ କରିଥିଲେ। ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ଉଦ୍‌ଘାଟନ କରିଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉଦ୍‌ଯାପନ ସଭାରେ ଅଂଶଗ୍ରହଣ କରିଥିଲେ। ବିଷୟ ବିଷାରଦ ରୂପେ ଆଇନଜୀବି ଚିତ୍ତରଂଜନ ମହାନ୍ତି ତଥା ଶିଶୁ ମଙ୍ଗଳ କମିଟି ସଦସ୍ୟ କଟକ ଯୋଗଦାନ କରି ପ୍ରତିଯୋଗୀମାନଙ୍କୁ ବିଷଦ ରୂପେ ପୋକସୋ ଆଇନ, ଅଂଶଗ୍ରହଣକାରୀ ମାନଙ୍କ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଖୋଲା ମଞ୍ଚ ଆଲୋଚନାରେ ପ୍ରଶିକ୍ଷାର୍ଥୀ ମାନଙ୍କର ପ୍ରଶ୍ନର ଉତ୍ତର ରଖିଥିବା ବେଳେ ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ଆଇନର ଦିଗ ଓ ଅଂଶୀଦାର ମାନଙ୍କ ଭୂମିକା ସମ୍ବନ୍ଧରେ ଅଂଶଗ୍ରହଣ କାରୀଙ୍କର ସନ୍ଦେହ ମୋଚନ କରିଥିଲେ। ଆଲୋଚନାରେ ଶିଶୁ ମାନଙ୍କ ପାଇଁ ସମସ୍ତେ ଶିଶୁ ମୈତ୍ରୀ ଅନୁକୂଳ ପରିବେଶ ସୃଷ୍ଟି କରିବା ସହ ସେମାନଙ୍କ ସହ ମୈତ୍ରୀଭାବ ପୋଷଣ କରିବା ଉଚିତ୍ ବୋଲି ପ୍ରତିଶୃତି ଦେଇଥିଲେ। ସମାପିତ କର୍ମଶାଳାରେ ସମସ୍ତ ଥାନାର ପୋଲିସ ମଂଗଳ ଅଧିକାରୀ, ଗାଇଡ଼ଲାଇନ୍ ଶିଶୁ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ଅନୁଷ୍ଠାନର ପରାମର୍ଶଦାତା, ଶିଶୁ ବିକାଶ ବିଭାଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ପୋଲିସ କାର୍ଯ୍ୟାଳୟ ପକ୍ଷରୁ ଦୁର୍ଗାଚରଣ ମହାନ୍ତି, ମନ୍ଦାକିନୀ ମହାନ୍ତି ସମତେ ଶିଶୁ ସୁରକ୍ଷା ବିଭାଗ ଓ ଶିଶୁ ଅନୁଷ୍ଠାନ ପକ୍ଷରୁ ଚିନ୍ମୟ ପଣ୍ଡା, ଦେବସ୍ମିତା ମହାନ୍ତି, ପ୍ରମୁଖ ସହଯୋଗ କରିଥିଲେ।

## ‘ରବିନ୍ଦ୍ରନାଥ ଟାଗୋର ଆନ୍ତର୍ଯ୍ୟାତିକ ସମ୍ମାନ’ ପାଇବାରେ ଡ. ସହଦେବ ବେହେରା ଓଡିଶାରୁ ପ୍ରଥମ



ବାରିପଦା, ୨୩/୦୬ (ନି.ପ୍ର): ଆନ୍ତର୍ଯାତିକ ଖ୍ୟାତି ସମ୍ପନ୍ନ ତଥା କଳା, ସାହିତ୍ୟ, ସେବା, ଓ ସଂସ୍କୃତି କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ‘ଇଣ୍ଡୋ ୟୁନିଭର୍ସ ଭଏସ ଅଫ୍ ପୋଏଟ୍ରି’ ଚଳିତ ବର୍ଷ ସାହିତ୍ୟ କ୍ଷେତ୍ରରେ ନୋବେଲ ପୁରସ୍କାର ବିଜେତା ଏସିଆ ମହାଦେଶର ପ୍ରଥମ ଭାରତୀୟ କବିଗୁରୁ ବିଶ୍ୱକବି ରବିନ୍ଦ୍ରନାଥ ଟାଗୁରଙ୍କ ଜନ୍ମଜୟନ୍ତୀ ପାଳନ ଅବସରରେ ଆନ୍ତର୍ଯ୍ୟାତିକ ସ୍ତରରେ ଭାରତ ସମେତ ୨୪ ଟି ଦେଶରୁ ସାହିତ୍ୟ, ଶିକ୍ଷା, ସେବା, ସଂସ୍କୃତି, କଳା ଓ ପୁସ୍ତକ ପ୍ରକାଶନ କ୍ଷେତ୍ରରେ ପାରଦର୍ଶୀତା ହାସଲ କରିଥିବା ବିଶିଷ୍ଟ କବି ଓ ଲେଖକଙ୍କ ମଧ୍ୟରୁ ୧୧ ଜଣ ଭାରତରୁ ଓ ୧୩ ଜଣ ଅନ୍ୟାନ୍ୟ ଦେଶରୁ ଏହି ବିଶ୍ୱବିଖ୍ୟାତ ମର୍ଯ୍ୟାଦାଜନକ ‘ରବିନ୍ଦ୍ରନାଥ ଟାଗୁର ଆନ୍ତର୍ଯ୍ୟାତିକ ସମ୍ମାନ’ ୨୦୨୨ ପ୍ରଦାନ କରିଛନ୍ତି। ତନ୍ମଧ୍ୟରୁ ଆନ୍ତର୍ଯ୍ୟାତିକ ସ୍ତରରେ ସାହିତ୍ୟରେ ଖ୍ୟାତିଲାଭ କରିଥିବା ଓଡିଶାର ଯୁବକବି ଡ. ସହଦେବ ବେହେରା ଏହି ମର୍ଯ୍ୟାଦା ଜନକ ‘ରବିନ୍ଦ୍ରନାଥ ଟାଗୁର ଆନ୍ତର୍ଯ୍ୟାତିକ ସମ୍ମାନ’ ପାଇବାରେ ଗୌରବ ଅର୍ଜନ କରିଛନ୍ତି। ଏହି ସମ୍ମାନ ପାଇବାରେ ସହଦେବ ବେହେରା ହେଉଛନ୍ତି ପ୍ରଥମ ଓଡିଆ। ଶ୍ରୀଯୁକ୍ତ ସହଦେବ ବେହେରା ବୃତ୍ତିରେ ଶିକ୍ଷକ ହେଲେ ହେଁ ସେ ଏକାଧାରରେ ଜଣେ କବି, ଲେଖକ ଓ ସମାଜ ସେବକ। ଶ୍ରୀଯୁକ୍ତ ବେହେରା କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ମଙ୍ଗରାଜପୁରରେ ଜନ୍ମଲାଭ କରିଛନ୍ତି ଏବଂ ବର୍ତ୍ତମାନ ସେ ମୟୂରଭଂଜ ଜିଲ୍ଲାରେ ଶିକ୍ଷକତା କରୁଛନ୍ତି। ଏହା ପୂର୍ବରୁ ଓଡିଆ ଓ ଇଂରାଜି ଭାଷା ଓ ସାହିତ୍ୟ ପ୍ରତି ଅବଦାନ ନିମନ୍ତେ ସେ ଦେଶ ବିଦେଶରୁ ବିଭିନ୍ନ ସାହିତ୍ୟ ଅନୁଷ୍ଠାନରୁ ମଧ୍ୟ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ଚଳିତ ମାସ ଭଦ୍ରକ ଜିଲ୍ଲାରେ ଅନୁଷ୍ଠିତ ‘ଜାତୀୟ କବିଲେଖକ ସଂଗଠନ’ ଦ୍ୱାରା ‘ଜାତୀୟ କବି ସାରସ୍ୱତ ସମ୍ମାନ’ ରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ଏହି ‘ରବିନ୍ଦ୍ରନାଥ ଟାଗୁର ଆନ୍ତର୍ଯାତିକ ସମ୍ମାନରେ ସମ୍ବର୍ଦ୍ଧିତ ହେବାପରେ ତାଙ୍କୁ ବିଭିନ୍ନ ମହଲ ତଥା ଦେଶ ବିଦେଶରୁ ବନ୍ଧୁମାନଙ୍କର ଶୁଭେଚ୍ଛାବାର୍ତ୍ତା ଆସୁଅଛି। ଏହି ପରିପ୍ରେକ୍ଷୀରେ ‘ଇଣ୍ଡୋ ୟୁନିଭର୍ସ ଭଏସ ଅଫ୍ ପୋଏଟ୍ରି’ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଚନ୍ଦନ ଭଟ୍ଟାଚାର୍ଯ୍ୟ ( କଲିକତା ), ଉପସଭାପତି - କଲିନସ୍ ଏମଘାରା ( ନାଇଜେରିଆ), ମୁଖ୍ୟ ବିଚାରକ- ପ୍ରଫେସର ଏଫ୍ରଏଡିଟା ଟୋଟସିଲି ( ମାସେଡୋନିଆ), ଦେସା ଦୌତୋଭିକ୍ ( ସରବିୟା) , ରାଜଶ୍ରୀ ମହାପାତ୍ର, (ଓଡିଶା ), ଇମାନୁଏଲ ମିଟଲେସ ( କେରଳ) ଓ ମୁଖ୍ୟ ଉପଦେଷ୍ଟା- ଡଃ ରତନ ଘୋଷ ( କଲିକତା ) ଙ୍କ ଏହିପରି ସାହିତ୍ୟ ପ୍ରତି ଅନୁରାଗ ରଖିଥିବା ଯୁବ ପ୍ରତିଭାଙ୍କୁ ଉତ୍ସାହିତ କରିଥିବାରୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଗୋଟିଏ ଦିନରେ ୭୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୩/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୯୦୬୮ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ ୧୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୫୩୫ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୫୪ ରହିଛି। ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୪୪ଜଣ ସଂଗରୋଧରୁ ଓ ୨୯ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।

## ଫେରାର ଦୁର୍ଦ୍ଦାନ୍ତ ଗ୍ୟାଙ୍ଗଷ୍ଟାର ପାପା ପଣ୍ଡା ଗିରଫ



ବାଲେଶ୍ୱର, ୨୩/୦୬ (ନି.ପ୍ର): ଦୀର୍ଘଦିନ ଧରି ଫେରାର ଥିବା ବାଲେଶ୍ୱରର ମୋଷ୍ଟ ୱାଣ୍ଟେଡ ଦୁର୍ଦ୍ଦାନ୍ତ ଅପରାଧୀ ତଥା ଗ୍ୟାଙ୍ଗଷ୍ଟାର ଶୋଭାରାମପୁର ଅଞ୍ଚଳର ସ୍ୱର୍ଗତ ବିଶ୍ୱାନଥ ପଣ୍ଡାଙ୍କ ପୁଅ ପାପା ଓରଫ ଚିନ୍ମୟ ପଣ୍ଡାକୁ ପୁଲିସ ଗିରଫ କରିଛି। ବାଲେଶ୍ୱର ସହରରେ ଡକାୟତି ପାଇଁ ଉଦ୍ୟମ କରୁଥିବା ବେଳେ ପୁଲିସ ତାକୁ ଗତକାଲି କାବୁ କରିଥିଲା। ଏନେଇ ସହଦେବଖୁଣ୍ଟା ଥାନାରେ ୨୦୩/୨୨.୬.୨୨ ନଂରରେ ଏକ ମାମଲା ରୁଜୁ ସହ ଗିରଫ ପାପା ପଣ୍ଡାକୁ ପୁଲିସ ପଚରାଉଚୁରା ଜାରି ରଖିଛି। ସେହିଭଳି ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ସହ ସାଧାରଣରେ ଆତଙ୍କ ସୃଷ୍ଟଇ କରିବା ଘଟଣାରେ ପାପା ବିରୋଧରେ ୨୦୪ ନଂର ଆଉଏକ ମାମଲା ମଧ୍ୟ ରୁଜୁ କରାଯାଇଛି। ପାପା ବିରୋଧରେ ଥିବା ୩୪୫/ ୨୦୨୦ ନଂର ଏକ ହତ୍ୟା ମାମଲାରେ ସାକ୍ଷୀ ନ ଦେବା ପାଇଁ ଜଣେ ପୀଡ଼ିତା ମହିଳାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସେ ତାଙ୍କୁ ଧମକ ଦେଇଥିଲା। ଏଥି ସହିତ ପାପାପଣ୍ଡା ବିରୋଧରେ ସହଦେବଖୁଣ୍ଟା ଥାନା, ଟାଉନଥାନା, ଶିଳ୍ପାଞ୍ଚଳ ଥାନା ଏମିତିକି ପଶ୍ଚିମବଙ୍ଗ ଦୀଘା ସାମୁଦ୍ରିକ ଥାନରେ ୨୫ରୁ ଅଧିକ ଅପରାଧିକ ମାମଲା ଅଛି। ଏହିସବୁ ମାମଲରେ ସେ ଦୀର୍ଘଦିନ ଧରି ଫେରାର ଥିଲା। ବାହାରେ ରହି ସେ ତା’ର ଗ୍ୟାଙ୍ଗ ନେଟୱାର୍କ ଚଳାଉଥିଲା ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ତେବେ ପାପାପଣ୍ଡାର ଗିରଫ ସହଦେବଖୁଣ୍ଟା ଥାନା ପୁଲିସ ପାଇଁ ବଡ଼ ସଫଳତା ବୋଲି କୁହାଯାଉଛି।

## ଭାବୀ ରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା ଜଣାଇଲେ ବାଲେଶ୍ୱରର କୃଷକ ନେତା

ବାଲେଶ୍ୱର, ୨୩/୦୬ (ନି.ପ୍ର): ଭାରତର ରାଷ୍ଟ୍ରପତି ହେବାକୁ ଯାଉଥିବା ଓଡ଼ିଶାର ଦ୍ରୌପଦୀ ମୁର୍ମୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। କେନ୍ଦ୍ରର ଏନଡିଏ ସରକାରଙ୍କ ପକ୍ଷରୁ ପ୍ରଥମ ଓଡ଼ିଆ ମହିଳା ଭାବେ ମନୋନୀତ ହେବା ପରେ ଗତକାଲି ସନ୍ଧ୍ୟାରେ ଶ୍ରୀମତୀ ମୁର୍ମୁ ରାଇରଙ୍ଗପୁରରୁ ଭୁବନେଶ୍ୱରରେ ପହଞ୍ଚିଥିଲେ। ଏମସିଏଲ ଗେଷ୍ଟ ହାଉସରେ ଥିବା ସମୟରେ ରାଜନେତା, ଗଣସଂଗଠନ ନେତୃତ୍ୱ ତଥା ବିଶିଷ୍ଟ ବ୍ୟକ୍ତିମାନେ ସାକ୍ଷାତ ସହ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ବିଶିଷ୍ଟ ସମାଜସେବୀ କୃଷକନେତା ତଥା ଭିଟାମାଟି ସୁରକ୍ଷା ଆନ୍ଦୋଳନର ନେତା ଅରୁଣ ଜେନା ଭାବୀ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ଭେଟି ଅଭିନନ୍ଦନ ଜଣାଇଥିଲେ। ପ୍ରକାଶଥାଉକି ଶ୍ରୀମତୀ ମୁର୍ମୁ ୨୦୦୨-୦୩ ମସିହାରେ ରାଜ୍ୟ ବାଣିଜ୍ୟ ପରିବହନ ମନ୍ତ୍ରୀ ଥିବା ସମୟରେ ଶ୍ରୀ ଜେନା ଓ ସ୍ୱର୍ଗତ ସୁଶାନ୍ତ ବରାଳଙ୍କ ଆମନ୍ତ୍ରଣ କ୍ରମେ ରେମୁଣା ସାଂସ୍କୃତିକ ପରିଷଦ ପକ୍ଷରୁ ୧୮ଶ ବର୍ଷ ବୋଇତବନ୍ଦାଣ ଉତ୍ସବରେ ସେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ତେବେ ତାଙ୍କୁ ସାକ୍ଷାତ ସମୟରେ ଶ୍ରୀ ଜେନାଙ୍କ ଅନ୍ତରଙ୍ଗ ବନ୍ଧୁ ବାରିପଦା ବିଧାୟକ ପ୍ରକାଶ ସୋରେନ୍ ଏବଂ ବାଲେଶ୍ୱରର ନାରୀନେତ୍ରୀ ମମତା ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ନୀଳଗିରିରୁ ୬ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ : ଜଣେ ଗିରଫ

ନୀଳଗିରି, ୨୩/୬: ନୀଳଗିରି ଅବକାରୀ ଅଫିସ ଠାରୁ ମାତ୍ର ୩କି.ମି. ଦୂରରେ ବ୍ରାଉନସୁଗାର କାରବାର ଚାଲିଥିବା ବେଳେ ନୀଳଗିରି ଅବକାରୀ ବିଭାଗ ମାସ ମାସ ଧରି କିପରି ଜାଣି ପାରୁ ନ ଥିବା ବେଳେ ବାଲେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାର୍ଡ ଗୁରୁବାର ଭୋର ସମୟରେ ନୀଳଗିରି ଥାନା ଅଧିନସ୍ଥ ଓଲଡଙ୍ଗ ଗ୍ରାମର ନରେନ୍ଦ୍ର ସାମଲଙ୍କ ଘରେ ଚଢ଼ାଉ କରି ୬୦ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିବା ସହିତ ନରେନ୍ଦ୍ର ସାମଲଙ୍କୁ ଗିରଫ କରିଛି। ଜବତ୍ ବ୍ରାଉନ ସୁଗାର ର ମୂଲ୍ୟ ୬ଲକ୍ଷ ଟଙ୍କା ହେବ ବୋଲି ଅବକାରି ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଥାଉକି ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଡେପୁଟି ସୁପରିନ୍‌ଟେଣ୍ଡେଂଟ ସୁଶାନ୍ତ କୁମାର ପାଢ଼ୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲେ। ଏ ନେଇ ୭୦ନଂ. ମାମଲା ରୁଜୁ ହୋଇ ଥିବାର ଜଣାପଡ଼ିଛି। ଏହି ଚଢ଼ାଉରେ ମୋବାଇଲ ସ୍କ୍ୱାର୍ଡ ଇନସପେକ୍ଟର ଗାଲୁରାମ ସୋରେନ, ନୀଳଗିରି ଇନିସ୍‌ପେକ୍ଟର ନାରାୟଣ ବେହେରା, ସଦର ଇନିସ୍‌ପେକ୍ଟର ପ୍ରବୀଣ କୁମାର ପ୍ରଧାନ, ସଦର ସବ୍‌ଇନିସପେକ୍ଟର ଭଗବାନ ମହାବଳିଆ ପ୍ରମୁଖ ସାମିଲ ଥିଲେ।

## ଇପିଏଫ୍ ପେନ୍‌ସନ୍ ଆସୋସିଏସନର ପ୍ରଧାନମନ୍ତ୍ରୀଙ୍କୁ ଚିଠି

ଭଦ୍ରକ, ୨୩/୦୬ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସଂସ୍ଥା ଓ କଳକାରଖାରେ ଚାକିରି କରି ଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଅବସର ପରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଇପିଏଫ୍‌ରୁ ମାସିକ ସ୍ୱଳ୍ପ ପେନ୍‌ସନ ପାଉଥିବା ବରିଷ୍ଠ ନାଗରିକମାନେ ଆଜି ୩ଦଫା ଦାବୀ ସମ୍ବଳିତ ଦାବିକୁ ପୋଷ୍ଟକାର୍ଡ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ପଠାଇଛନ୍ତି। ମାସିକ ସର୍ବନିମ୍ନ ପେନସନ ୯ ହଜାର ଟଙ୍କା ଓ ମହଙ୍ଗା ଭ । ପ୍ରଦାନ, ଉଚ୍ଚ ବେତନ ଓ ଉଚ୍ଚ ନ୍ୟାୟାଳୟଙ୍କର ନିଷ୍ପ ଆଧାରରେ ବର୍ଦ୍ଧିତ ପେନ୍‌ସନ ଓ ସରକାରୀ ଚିକିତ୍ସା ବୀମା ପାଇଁ ଚିଠିରେ ଅନୁରୋଧ କରାଯାଇଛି। ଆଜି ଭଦ୍ରକ ଜିଲ୍ଲା ଇପିଏଫ୍ ପେନ୍‌ସନ ଆସୋସିଏସନ ପକ୍ଷରୁ ସଭାପତି କୁଞ୍ଜବିହାରୀ ନାୟକ, ଉପସଭାପତି ଜଗତାନନ୍ଦ ମହାନ୍ତି ଓ କୁଞ୍ଜ ବିହାରୀ ସିଂ, ସମ୍ପାଦକ ଅକ୍ଷୟ କୁମାର ମହାପାତ୍ର, ସହସମ୍ପାଦକ ମନୋରଞ୍ଜନ ନାୟକ ଓ ପ୍ରମାଦ କୁମାର ଛତର, ଉପଦେଷ୍ଟା ଡ. ରମେଶ ଚନ୍ଦ୍ର ନାୟକ, କୋଷାଧକ୍ଷ ଆନନ୍ଦ ଚନ୍ଦ୍ର ପଣ୍ଡା, ସୁରେନ୍ଦ୍ର କୁମାର ମହାନ୍ତି, ରାମଚନ୍ଦ୍ର ପଣ୍ଡା, ଉପେନ୍ଦ୍ର ପରିଡ଼ା, ହୃଷିକେଶ ବାରିକ, ଅର୍ଜୁନ ଜେନା, ମାୟାଧର ପାଣିଗ୍ରାହୀ, ଚିନ୍ତାମଣି ଖୁଁଆ, ଶ୍ୟାମସୁନ୍ଦର ନାୟକ, ଅକ୍ଷୟ କୁମାର ପାଢୀ, କୁମୁଦ ସ୍ୱାଇଁ ପ୍ରମୁଖ ଶତାଧିକ ପେନ୍‌ସନଧାରୀ ଏହି ଦାବୀ ସମ୍ବଳିତ ପୋଷ୍ଟକାର୍ଡ ପ୍ରଦାନ କରିଥିଲେ। ଦାବୀ ପୂରଣ ନହେଲେ ଦେଶ, ରାଜ୍ୟ, ସମସ୍ତ ଆର୍.ଡି.ସି. କାର୍ଯ୍ୟାଳୟ, ଇପିଏଫ୍ ଅଫିସ ସମ୍ମୁଖରେ ବିକ୍ଷୋଭ, ସଂସଦ ଆଗରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

## ଚଳିତବର୍ଷ ରଥଯାତ୍ରା ପାଇଁ ସହର ତଦାରଖ କଲେ ନୂତନ ନିର୍ବାହୀ ଅଧିକାରୀ

ନୀଳଗିରି, ୨୩/୬: ନୀଳଗିରି ଏନ.ଏ.ସି.ର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁ ଚଳିତ ବର୍ଷ ନୀଳଗିରିର ରଥଯାତ୍ରା ପାଇଁ ସହର ତଦାରଖ କରିଛନ୍ତି। ନୀଳଗିରି ବଡ଼ଦାଣ୍ଡର ପରିଷ୍କାର ପରିଚ୍ଛନ୍ନ ଡ୍ରେନ ପରିଷ୍କାର, କେ.ସି. ହାଇସ୍କୁଲ ପଡ଼ିଆର ପରିଷ୍କାର ପାଇଁ ୟୁରେକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରଥଯାତ୍ରାର ଲୋକ ସମାଗମକୁ ନେଇ ବନ୍ଦ ରହିଥିବା ଆର.ଆଇ. ଅଫିସ ପାଖ ଶୌଚାଳୟ, ଗୁଡ଼ି ଖାଣିଆ ନିକଟ ଶୌଚାଳୟ ଗୁଡ଼ିକୁ ଖୋଲା କରିବା ସହ ଶୌଚାଳୟର ସମସ୍ତ ବ୍ୟବସ୍ଥା କରିବାପାଇଁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନସ୍ଥାନରେ ଅସ୍ଥାୟୀ ପରିସ୍ରାଗାର ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କେ.ସି.ହାଇସ୍କୁଲ ପଡ଼ିଆରେ ଝୁଲଣା, ରାମଦୋଳି, ବିଭିନ୍ନ ଦୋକାନୀମାନଙ୍କୁ ଶାନ୍ତିଶୃଙ୍ଖଳାର ସହ ସ୍ଥାନ ଯୋଗାଇ ଦେବାର ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଅବସରରେ ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ, ଉପାଧକ୍ଷ ମହେନ୍ଦ୍ର ବେହେରା, ଦୀପ୍ତିକାନ୍ତ ପୃଷ୍ଟି, ଶରତ ଦାସ, ରମେଶ ବାଗ, ବିଜୟ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ଏମକେସି ହାଇସ୍କୁଲ ପୁରାତନ ଛାତ୍ର ସଂସଦ କାର୍ଯ୍ୟାଳୟ ଉଦ୍‌ଘାଟିତ



ବାରିପଦା, ୨୩/୦୬ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦ କାର୍ଯ୍ୟାଳୟ ବିଦ୍ୟାଳୟର ପ୍ରାକ୍ତନ କୃତୀଛାତ୍ର ଖ୍ୟାତିସମ୍ପନ୍ନ ଇଂଜିନିୟର ଅଶୋକ କୁମାର ବଶାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଇଂ ବଶା ଓ ପ୍ରାକ୍ତନ ଛାତ୍ର ରବୀନ୍ଦ୍ର କୁମାର ଷଡଙ୍ଗୀ ବିଦ୍ୟାଳୟର ଛାତ୍ରଜୀବନର ସ୍ମୃତି ଚାରଣ କରିବା ସହ ସଂସଦର ମହନୀୟ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ ବକ୍ତବ୍ୟ ଉପସ୍ଥାପନ କରିଥିବା ବେଳେ ସଂସଦର ସମ୍ପାଦକ ରଂଜନ ବାନାର୍ଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧକ୍ଷ ପ୍ରଦୀପ କୁମାର ପାଣିଗ୍ରାହୀ ଓ ସହ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି ସଂସଦର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଂସଦର ସଭାପତି ପୂର୍ଣ୍ଣେନ୍ଦୁ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ପ୍ରାକ୍ତନ ଛାତ୍ର, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସଂସଦ ପକ୍ଷରୁ ବିଦ୍ୟାଳୟର ବିବିଧ ଉନ୍ନତି ପାଇଁ ଏକ ଖସଡା ପ୍ରସ୍ତୁତ ହୋଇଥିଲା। ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବଶା, ବରିଷ୍ଠ କବି ଡ. ନୀଳକଣ୍ଠ ମିଶ୍ର, ସାହିତ୍ୟିକ ବୃନ୍ଦାବନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ମହାପ୍ରଭୁ ସୁସ୍ଥ ହେବାପାଇଁ ଶ୍ରୀମନ୍ଦିରକୁ ଗଲା ଦଶମୂଳ ମୋଦକ

ପୁରୀ, ୨୩/୦୬ (ନି.ପ୍ର): ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଅବସ୍ଥାନ କରୁଛନ୍ତି। ଦଇତାପତି ସେବକମାନେ ଗୁପ୍ତସେବାରେ ବ୍ୟସ୍ତ ଅଛନ୍ତି। ମହାପ୍ରଭୁ ସୁସ୍ଥ ହେବାପାଇଁ ଓଦାବସ୍ତ୍ର ଫିଟିବା, ଫୁଲୁରୀ ତେଲ ଲାଗି ହେବା ପରେ ଆଜି ରାଜବୈଦ୍ୟଙ୍କ ପରାମର୍ଶକ୍ରମେ ଦଶମୂଳ ମୋଦକ ଶ୍ରୀମନ୍ଦିରକୁ ନିଆଯାଇଛି। ଦଶମୀ ତିଥିରେ ମହାପ୍ରଭୁଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିର ରାଜବୈଦଙ୍କ ଦ୍ୱାରା ଆୟୁର୍ବେଦ ଚେରମୂଳିରେ ଦଶମୂଳ ମୋଦକ ପ୍ରସ୍ତୁତ ହୋଇଛି। ଅତି ନିଷ୍ଠାର ସହ ରାଜବୈଦ୍ୟଙ୍କ ଗରେ କାଠ ଚୁଲିରେ ଔଷଧ ରନ୍ଧା ଯାଇ ପାଗ କରାଯାଇଥିଲା। ପରେ ଏହାକୁ ମୋଦକ ଛୋଟ ଗୋଲାକାର ସାଇଜରେ ପ୍ରସ୍ତୁତ କରାଯାଇଥିଲା। ପିତଳ ବାସନ ଓ କଦଳୀପତ୍ର ବ୍ୟବହାର କରାଯାଇଥିଲା। ପଞ୍ଚମୀ ତିଥିରେ ଫୁଲରୀ ତେଲ ମାଲିସ ହେବାରେ ମହାପ୍ରଭୁ ଆସ୍ତେ ଆସ୍ତେ ସୁସ୍ଥ ହୋଇଥିଲେ। ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ମହାପ୍ରଭୁଙ୍କୁ ଓଷଲାଗି କରାଯାଇଥିଲା। ରାଜବୈଦ୍ୟ ମୋଦକ ଆଣି ଶ୍ରୀମନ୍ଦିର ଗାରଦରେ ହସ୍ତାନ୍ତର କରିଛନ୍ତି। ଏହି ଦଶମୂଳା ରିଷ୍ଟ ମୋଦକରେ ସାଳପର୍ଣ୍ଣି, ବେଲ, ଖଣିବଧୂ, ପାଟଳି, ଅଙ୍କରାତି, ଗୋଖରା, ଲମ୍ୱାଗୋଡି, ଗମ୍ଭାରୀ, ଫଣପଣା, କୃଷ୍ଣପର୍ଣ୍ଣି, କୃଷ୍ଣଚୂଡ଼ା, ଲବଙ୍ଗ, ଦେଶୀଘିଅ, ମହୁ, ନବାତ, ଖୁଆ ଆଦିଦ୍ରବ୍ୟ ମିଶ୍ରଣରେ ମୋଦକ ପ୍ରସ୍ତୁତ ହୋଇଛି।

## ଇଫକୋ କମ୍ପାନୀ ପକ୍ଷରୁ ମୃତ୍ତିକା ପରୀକ୍ଷା ଶିବିର



ଜଳେଶ୍ୱର, ୨୩/୬(ନି.ପ୍ର): ଚାଷୀମାନଙ୍କ ଉନ୍ନତି ଲାଗି ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ମାଟିର ମାନ ଅପରିବର୍ତ୍ତିତ ରଖିବା ଲାଗି ବୈଜ୍ଞାନୀକ ମାନେ ଚେଷ୍ଟା ଚଳାଇଛନ୍ତି। ଚାଷୀ ଅଧିକ ଫସଲ ଉପୁଜାଇବା ଲାଗି ବିଭିନ୍ନ ରାସାୟନୀକ ସାର ବ୍ୟବହାର କରୁଥିବାରୁ ମାଟିରେ ରହୁଥିବା ଜିଆ ଭଳି କେତେକ କୃଷକ ଉପକାରୀ ପୋକ ମରି ଯାଉଛି। ତେଣୁ ମାଟିର ଉର୍ବର ଶକ୍ତି କ୍ରମଶ କମିକମି ଯାଉଛି। ମାଟିର ଉର୍ବରତା ବଢାଉଥିବା ଉପାଦାନ କମିବା ଫଳରେ ଫସଲ ଉତ୍ପନ୍ନ କମିବାରେ ଲାଗିଛି। ଫଳରେ ଚାଷୀ ଅଧିକ ସାର, ଔଷଧ ବ୍ୟବହାର କରି କ୍ଷତିର ସମ୍ମୁଖୀନ ହେଉଛନ୍ତି। ମାଟିର ଅମ୍ଳ ବଢୁଥିବାରୁ ଏହାକୁ ରୋକିବାଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି। ଧାନଚାଷରେ ୟୁରିଆ ସାରର ଆବଶ୍ୟକତା ଥିବା ବେଳେ ଏହାର ବହୁଳ ବ୍ୟବହାର ମୃତ୍ତିକାର ମାନ ନଷ୍ଟ କରୁଥିବାରୁ ଏବେ ନାନୋ ୟୁରିଆ ବ୍ୟବହାର ସଂପର୍କରେ କେନ୍ଦ୍ର ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ସରକାର ବିଦେଶରୁ ୟୁରିଆ ସାର ଆମଦାନୀ କରୁଥିବାରୁ ଏହାର ପରିବହନ ଖର୍ଚ୍ଚ ଅଧିକ ହୋଇଥାଏ। ଚାଷୀ ମଧ୍ୟ କ୍ଷେତକୁ ସାର ନେଇ ବ୍ୟବହାର କରିବା କଷ୍ଟକର ଓ ବ୍ୟୟସାପେକ୍ଷ ହୋଇଥାଏ। ଏବେ ନାନୋ ୟୁରିଆ (ତରଳ ୟୁରିଆ) ସ୍ପ୍ରେ ମାଧ୍ୟମରେ କ୍ଷେତରେ ବ୍ୟବହାର କରିଯାଇ ପାରିବ। ଫଳରେ ମାଟିରେ ଅମ୍ଳ ବୃଦ୍ଧି ହେବାର ସମ୍ଭାବନା ରହିବ ନାହିଁ। ନାନୋ ୟୁରିଆ ବ୍ୟବହାର ଫଳରେ ଖର୍ଚ୍ଚର ପରିମାଣ କମିବା ସହିତ ଚାଷୀ ଅଧିକ ଲାଭବାନ ହୋଇପାରିବ। ୟୁରିଆ ସାର ଯୋଗାଣକାରୀ କମ୍ପାନୀ ଇଫ୍‌କୋ ପକ୍ଷରୁ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଆମ୍ବଳିଅଠା ଗ୍ରାମରେ ମାଟି ପରୀକ୍ଷା ଶିବିର ଓ ନାନୋ ୟୁରିଆ ସାର ବ୍ୟବହାର ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଅନୁକୂଳ ସାର ଭଣ୍ଡାର ପକ୍ଷରୁ ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଇଫ୍‌କୋର ଜିଲା ଅଧିକାରୀ ସହେସ୍ ଦତ୍ତ ବିଭିନ୍ନ ଯନ୍ତ୍ରପାତି ମାଧ୍ୟମରେ ପ୍ରାୟ ୫୦ଜଣ ଚାଷୀଙ୍କ ମାଟି ମାନ ପରୀକ୍ଷା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପଂଚାୟତର ୧୦୦ରୁ ଉର୍ଦ୍ଧ୍ୱ ଚାଷୀ ଭାଗ ନେଇଥିବା ବେଳେ ରତିକାନ୍ତ ଜେନା ସହାୟତା କରିଥିଲେ।

## ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କଥା ହେଲେ ବିଜେପି ରାଷ୍ଟ୍ରୀୟ ସଭାପତି ନଡ୍ଡା

ଭୁବନେଶ୍ୱର, ୨୩/୦୬ (ନି.ପ୍ର): ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ନାମାଙ୍କନ ନେଇ ବିଜେପିର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ବିଜେଡି ମୁଖ୍ୟ ତଥା ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କଥାବାର୍ତ୍ତା କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଶ୍ରୀମତୀ ମୁର୍ମୁଙ୍କ ନାମାଙ୍କନ ପତ୍ରରେ ଦୁଇ ଜଣ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଶ୍ରୀମତୀ ଟୁକୁନୀ ସାହୁ ପ୍ରସ୍ତାବକ ରହିବେ। ଏହା ସହ ଏହି ଦୁଇ ଜଣ ମନ୍ତ୍ରୀ ନାମାଂକନ ପତ୍ର ଦାଖଲ ସମୟରେ ଉପସ୍ଥିତ ରହିବେ ବୋଲି ଶ୍ରୀ ପଟ୍ଟନାୟକ ଟ୍ୱିଟ କରି ସୂଚନା ଦେଇଛନ୍ତି। ଉଲ୍ଲେଖନୀୟ ଯେ ବୁଧବାର ଦିନ ଶ୍ରୀ ପଟ୍ଟନାୟକ ଟ୍ୱିଟ କରି ରାଜ୍ୟର ସମସ୍ତ ବିଧାୟକଙ୍କୁ ଦଳୀୟ ଲାଇନରୁ ଉପରକୁ ଯାଇ ଶ୍ରୀମତୀ ମୁର୍ମୁଙ୍କୁ ସମର୍ଥନ ଦେବାକୁ ଅପିଲ କରିଥିଲେ।

## ନମାମୀ ଗଙ୍ଗେ ତରଫରୁ ବିଶ୍ୱ ଯୋଗ ଦିବସ ପାଳିତ



ଉଦଳା, ୨୩/୦୬ (ନି.ପ୍ର): ନମାମୀ ଗଙ୍ଗେ ତରଫରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇ ଯାଇଛି। ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ତଥା ନମାମୀ ଗଙ୍ଗେର ଆବାହିକା ପ୍ରମିଳା ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଭାରତୀୟ ଜନତା ପାର୍ଟିର ବରିଷ୍ଠ ସଦସ୍ୟ ବିଭୁତି ମହାନ୍ତ, ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଉଦଳା ଶାଖାର ପରିଚାଳିକା ବ୍ରହ୍ମା କୁମାରୀ ଦମୟନ୍ତୀ, ଭାରତ ସ୍ୱାଭିମାନର ବ୍ରହ୍ମାନନ୍ଦ ନାୟକ ଓ ପତଞ୍ଜଳୀ ଯୋଗ ସମିତିର ଅନିତା ବିଶ୍ୱାଳ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ପ୍ରଥମେ ଅଖଣ୍ଡ ଭାରତ ମାନଚିତ୍ରରେ ପିଷ୍ପ, ଧୂପ, ଦୀପ ଅର୍ପଣ କରି ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ ସାମୂହିକ ଯୋଗ ଅଭ୍ୟାସ କରାଯାଇଥିଲା। ଶେଷରେ ନିୟମିତ ଯୋଗ ଅଭ୍ୟାସ କରୁଥିବା ବ୍ୟକ୍ତିଙ୍କ ନିକଟରେ ଧିରେ ଧିରେ ଆସୁରିକ ଶକ୍ତି ଦୁରେଇ ଯିବା ସହିତ ଦୈବୀ ଗୁଣର ପ୍ରଭାବ ଫୁଟି ଉଠେ ବୋଲି ସମସ୍ତେ ମତ ଦେଇଥିଲେ। ନିହାର ରଂଜନ ମୋଦି, ଯୋଗ କୁ ବିଶ୍ୱ ଦରବାରରେ ପହଞ୍ଚାଇବା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହି କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ।

## ଇପିଏଫ୍ ପେନ୍‌ସନ୍ ଆସୋସିଏସନର ପ୍ରଧାନମନ୍ତ୍ରୀଙ୍କୁ ଚିଠି




ଭଦ୍ରକ, ୨୩/୦୬ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସଂସ୍ଥା ଓ କଳକାରଖାରେ ଚାକିରି କରି ଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଅବସର ପରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଇପିଏଫ୍‌ରୁ ମାସିକ ସ୍ୱଳ୍ପ ପେନ୍‌ସନ ପାଉଥିବା ବରିଷ୍ଠ ନାଗରିକମାନେ ଆଜି ୩ଦଫା ଦାବୀ ସମ୍ବଳିତ ଦାବିକୁ ପୋଷ୍ଟକାର୍ଡ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ପଠାଇଛନ୍ତି। ମାସିକ ସର୍ବନିମ୍ନ ପେନସନ ୯ ହଜାର ଟଙ୍କା ଓ ମହଙ୍ଗା ଭତ୍ତା ପ୍ରଦାନ, ଉଚ୍ଚ ବେତନ ଓ ଉଚ୍ଚ ନ୍ୟାୟାଳୟଙ୍କର ନିଷ୍ପତ୍ତି ଆଧାରରେ ବର୍ଦ୍ଧିତ ପେନ୍‌ସନ ଓ ସରକାରୀ ଚିକିତ୍ସା ବୀମା ପାଇଁ ଚିଠିରେ ଅନୁରୋଧ କରାଯାଇଛି। ଆଜି ଭଦ୍ରକ ଜିଲ୍ଲା ଇପିଏଫ୍ ପେନ୍‌ସନ ଆସୋସିଏସନ ପକ୍ଷରୁ ସଭାପତି କୁଞ୍ଜବିହାରୀ ନାୟକ, ଉପସଭାପତି ଜଗତାନନ୍ଦ ମହାନ୍ତି ଓ କୁଞ୍ଜ ବିହାରୀ ସିଂ, ସମ୍ପାଦକ ଅକ୍ଷୟ କୁମାର ମହାପାତ୍ର, ସହସମ୍ପାଦକ ମନୋରଞ୍ଜନ ନାୟକ ଓ ପ୍ରମାଦ କୁମାର ଛତର, ଉପଦେଷ୍ଟା ଡ. ରମେଶ ଚନ୍ଦ୍ର ନାୟକ, କୋଷାଧକ୍ଷ ଆନନ୍ଦ ଚନ୍ଦ୍ର ପଣ୍ଡା, ସୁରେନ୍ଦ୍ର କୁମାର ମହାନ୍ତି, ରାମଚନ୍ଦ୍ର ପଣ୍ଡା, ଉପେନ୍ଦ୍ର ପରିଡ଼ା, ହୃଷିକେଶ ବାରିକ, ଅର୍ଜୁନ ଜେନା, ମାୟାଧର ପାଣିଗ୍ରାହୀ, ଚିନ୍ତାମଣି ଖୁଣ୍ଟିଆ, ଶ୍ୟାମସୁନ୍ଦର ନାୟକ, ଅକ୍ଷୟ କୁମାର ପାଢୀ, କୁମୁଦ ସ୍ୱାଇଁ ପ୍ରମୁଖ ଶତାଧିକ ପେନ୍‌ସନଧାରୀ ଏହି ଦାବୀ ସମ୍ବଳିତ ପୋଷ୍ଟକାର୍ଡ ପ୍ରଦାନ କରିଥିଲେ। ଦାବୀ ପୂରଣ ନହେଲେ ଦେଶ, ରାଜ୍ୟ, ସମସ୍ତ ଆର୍.ଡି.ସି. କାର୍ଯ୍ୟାଳୟ, ଇପିଏଫ୍ ଅଫିସ ସମ୍ମୁଖରେ ବିକ୍ଷୋଭ, ସଂସଦ ଆଗରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବାସୁଦେବପୁର, ଭଣ୍ଡାରିପୋଖରୀ, ଧାମନଗର ବ୍ଲକ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ପେନ୍‌ସନଭୋଗୀ ଯୋଗ ଦେଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo